# ଆଜିଠାରୁ ମାଟ୍ରିକ, ମଧ୍ୟମା ଓ ଏସ୍‌ଓଏସ୍‌ସି ପରୀକ୍ଷା

**■ ଜିଲ୍ଲାର ୩୩, ୫୦୫ ପରୀକ୍ଷାର୍ଥୀଙ୍କ ପାଇଁ ୧୯୧ ପରୀକ୍ଷା କେନ୍ଦ୍ର**
**■ କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା**

ବାରିପଦା, ୧୯ ।୨(ସମିସ): ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ ପରୀକ୍ଷା ମଙ୍ଗଳବାର ଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇ ମାର୍ଚ୍ଚ ୪ତାରିଖ ସୋମବାର ଦିନ ସରିବ । ମୟୂରଭଞ୍ଜ ଜିଲ୍ଲାର ୬୧୪ଟି ହାଇସ୍କୁଲର ୩୨ହଜାର ୭୮୦ ଜଣ ପରୀକ୍ଷାର୍ଥୀ ଜିଲ୍ଲାର ମୋଟ ୧୭୯ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି । ଏହି ପରୀକ୍ଷା ନିମନ୍ତେ ଜିଲ୍ଲାରେ ହୋଇଥିବା ମୋଟ ୨୧ଟି ନୋଡାଲ ସେଣ୍ଟର ଅଧୀନରେ ୫୭ଟି ଡେସପାଚିଙ୍ଗ ଟିମ୍ ନିୟୋଜିତ ରଖାଯାଇଛି । ଏହି ନୋଡାଲ ସେଣ୍ଟରଗୁଡିକ ମଧ୍ୟରୁ ବାରିପଦାର ଏମକେସି ହାଇସ୍କୁଲରେ ୧୨ଟି, ଧନପୁରର ଏଲଏମପି ହାଇସ୍କୁଲରେ ୬ଟି, ରାସଗୋବିନ୍ଦପୁର ବିନୋଦରାୟ ବିଦ୍ୟାପୀଠରେ ୬ଟି, ମୋରଡାର ଗୋପବନ୍ଧୁ ସରକାରୀ ନୋଡାଲ ହାଇସ୍କୁଲରେ ୧୧ଟି, ବେତନଟୀର ଏମପିସି ହାଇସ୍କୁଲରେ ୧୩ଟି, ବଡସାହି ନୂତନ ସରକାରୀ ହାଇସ୍କୁଲରେ ୬ଟି, ବାଙ୍ଗିରିପୋଷି ନୂତନ ସରକାରୀ ନୋଡାଲ ହାଇସ୍କୁଲରେ ୬ଟି, କୁଳିଅଣାର ଜେଏଲ ନୂତନ ସରକାରୀ ହାଇସ୍କୁଲରେ ୬ଟି, ଶୀର୍ଷା ସରକାରୀ ହାଇସ୍କୁଲରେ ୬ଟି,




ଶୁଳିଆପଦା ନୂତନ ସରକାରୀ ହାଇସ୍କୁଲରେ ୮ଟି, ଉଦଳା ହାଇସ୍କୁଲରେ ୬ଟି, ଖୁଣ୍ଟା ହାଇସ୍କୁଲରେ ୧୨ଟି, କପ୍ତିପଦା ହାଇସ୍କୁଲରରେ ୯ଟି, ତିରିଂ ହାଇସ୍କୁଲରେ ୪ଟି, ବହଳଦା ହାଇସ୍କୁଲରେ ୧୦ଟି, ରାଇରଙ୍ଗପୁର ହାଇସ୍କୁଲରେ ୧୨ଟି, ଯଶିପୁର ସରକାରୀ ହାଇସ୍କୁଲରେ ୧୦ଟି, କରଞ୍ଜିଆ ହାଇସ୍କୁଲରେ ୭ଟି, ରରୁଆଁ ନୂତନ ସରକାରୀ ହାଇସ୍କୁଲରେ ୧୧ଟି, ଠାକୁରମୁଣ୍ଡା ନୂତନ ସରକାରୀ ହାଇସ୍କୁଲରେ ୯ଟି ଏବଂ ବିଶୋଇ ସରକାରୀ ହାଇସ୍କୁଲରେ ୭ଟି ପରୀକ୍ଷା କେନ୍ଦ୍ରକୁ ରଖାଯାଇଛି । ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମଧ୍ୟମା(ସଂସ୍କୃତ) ପରୀକ୍ଷା ମଧ ଆଗାମୀ ୨୦ତାରିଖ ଠାରୁ ଆରମ୍ଭ ହେବ । ଜିଲ୍ଲାର ୯ଟି ସଂସ୍କୃତ ବିଦ୍ୟାଳୟର ୩୨୨ ଜଣ ପରୀକ୍ଷାର୍ଥୀ ୮ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଦେବେ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଏସଓଏସ୍‌ସି ପରୀକ୍ଷାର୍ଥୀମାନଙ୍କ ପାଇଁ ମଧ ଆଗାମୀ ୨୦ ତାରିଖ ଠାରୁ ପରୀକ୍ଷା ଆରମ୍ଭ ହେବା ସହ ଜିଲ୍ଲାର ୧୭ଟି ଶିକ୍ଷାନୁଷ୍ଠାନର ୩୯୩ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୪ଟି କେନ୍ଦ୍ର କରାଯାଇଛି । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୩୫୧ ଜଣ ପରୀକ୍ଷାର୍ଥୀ ଥିବାବେଳେ ଯଶିପୁର ବ୍ଲକ ଅନ୍ତର୍ଗତ ଶିମିଳିପାଳ ଆଭ୍ୟନ୍ତରର ଠାକୁରଗୋଡା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରର ସର୍ବନିମ୍ନ ୭୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ସେହିପରି ବାରିପଦା ଭଞ୍ଜପୁର ହାଇସ୍କୁଲର କେନ୍ଦ୍ରରେ ସର୍ବନିମ୍ନ ୫୨ଜଣ ଏସଓଏସସି ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଜିଲ୍ଲାର ମୋଟ ୧୭୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୫୦ଟି ପରୀକ୍ଷା କେନ୍ଦ୍ର ଉତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିବା ସହିତ ଏହି ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସ୍ୱତନ୍ତ୍ର ପୁଲିସ ମୁତୟନ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଉଛି । କପି ରୋକିବା ସହିତ ଶାନ୍ତିଶୃଙ୍ଖଳା ସକାଶେ ପ୍ରତିଟି ପରୀକ୍ଷା କେନ୍ଦ୍ରକୁ ସିସିଟିଭି ସ୍କାନରରେ ରଖାଯିବା ସହିତ ପ୍ରତି କେନ୍ଦ୍ରରେ ପୁଲିସ ଓ ପ୍ରଶାସନ ତରଫରୁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତି ହେବେ । ତତ୍‌ସହିତ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଆରକ୍ଷୀ ଅଧିକାରୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଗଠିତ ସ୍କ୍ୱାର୍ଡ ଟିମ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବେ । ଅବାଧ ଓ ନିରପେକ୍ଷ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ କେନ୍ଦ୍ର ଅଧୀକ୍ଷକ ଓ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହେବ । ପରୀକ୍ଷା ପରିଚାଳନାରେ କୌଣସି ପ୍ରକାରର ତ୍ରୁଟିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

# ଓଡ଼ିଆ ସମାଲୋଚନା ସାହିତ୍ୟ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ବାରିପଦା, ୧୯ ।୨(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । 'ଓଡ଼ିଆ ସମାଲୋଚନା ସାହିତ୍ୟ' ଶୀର୍ଷକ ଏହି ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ଉଦ୍‌ଘାଟନ କରି ନିଜର ବକ୍ତବ୍ୟ ରଖିଥିଲେ । ଆଲୋଚକଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଜୟନ୍ତ ଦାସ ଓ ରାଇରଙ୍ଗପୁର କଲେଜର ପ୍ରଫେସର ଡ. ମିଲନ ମହାନ୍ତ ଯୋଗଦେଇ ଓଡ଼ିଆ ସମାଲୋଚନା ସାହିତ୍ୟ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବର ପ୍ରାରମ୍ଭରେ ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପିଜି ଦ୍ୱିତୀୟ ବର୍ଷର ଛାତ୍ରୀ ସନ୍ତୋଷିନୀ ଗିରି ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ରୀନା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରବନ୍ଧ ପାଠ କାଟିଥିଲେ ଦ୍ୱିତୀୟ ବର୍ଷର ଛାତ୍ରୀ ସନ୍ତୋଷିନୀ, ବିଶ୍ୱେଶ୍ୱରୀ ଏବଂ ବର୍ଷାରାଣୀ । ଅଧ୍ୟାପକ ଡ. ଦୟାନିଧି ପରିଡ଼ା, ଛନ୍ଦିତା ବିଶ୍ୱାଳ ଓ ଅଜୟ ରାଉତ ପରିଚାଳନାରେ ସହାୟତା କରିଥିଲେ ।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କଲମ ଛାଡ଼ ଆନ୍ଦୋଳନ



ବାରିପଦା, ୧୯ ।୨(ସମିସ): ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଜିଲ୍ଲା ରାଜସ୍ୱ ନିରୀକ୍ଷକ ସଂଘ ଓହ୍ଲାଇଛି । ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଡାକରା କ୍ରମେ ମୟୂରଭଞ୍ଜ ଜିଲ୍ଲା ଶାଖାପକ୍ଷରୁ ସୋମବାର ଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସମସ୍ତ ସଦସ୍ୟ ସମୂହ କଲମ ଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଯାହାକୁ ନେଇ ମୟୁରଭଞ୍ଜ ଜିଲ୍ଲାର ୨୬ଗୋଟି ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୧୭୩ ରାଜସ୍ୱ ନିରୀକ୍ଷକ, ୧୭୩ଜଣ ସହକାରୀ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ସୁପରଭାଇଜରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଦାବିପୂରଣ ନ ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅସହଯୋଗ କରି ଅନିର୍ଦ୍ଦିଷ୍ଟ କାଳ ଯାଏଁ ଆନ୍ଦୋଳନକୁ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି । ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି । ଦାବି ଅନୁଯାୟୀ, କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ସହ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଂରଚନାରେ ପରବର୍ତ୍ତନ କରିବା, କାର୍ଯ୍ୟସୂଚୀ ଅନୁସାରେ ରାଜସ୍ୱ ସୁପରଭାଇଜର ପଦର ନାମକରଣର, ଅଭିଜ୍ଞତା ଆଧାରରେ ପଦୋନ୍ନତି, ଓଆରଏସ ପଦୋନ୍ନତି ପାଇଁ ଅନୁନ୍ୟ ସିସିଆର ମାନଦଣ୍ଡକୁ ବିଲୋପ କରିବା, ଆରଆଇ ଓ ଏଆରଆଇମାନଙ୍କ ବେତନ ବର୍ଦ୍ଧିତ ସ୍କେଲର ଧାର୍ଯ୍ୟ କରିବା, ବିଜ୍ଞପ୍ତି ଅନୁଯାୟୀ ଆଉଟସୋର୍ସିଂ ମାଧ୍ୟମରେ ରାଜସ୍ୱ ନିରୀକ୍ଷକ ମଣ୍ଡଳ ପାଇଁ ଗ୍ରୁପ୍-ଡି ପୋଷ୍ଟଗୁଡିକ ପୂରଣ କରିବା, କୃଷି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯାଞ୍ଚ କାର୍ଯ୍ୟକୃଷି ବିଭାଗକୁ ସ୍ଥାନାନ୍ତର କରିବା, ରାଜସ୍ୱ ପରିଷଦକୁ କାର୍ଯ୍ୟକାରୀ କରାଯାଇ ୧୦ଟି ରାଜସ୍ୱ ମୌଜା ପାଇଁ ଗୋଟିଏ ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅନୁପାତରେ ନୂତନ ରାଜସ୍ୱ ନିରୀକ୍ଷକ ମଣ୍ଡଳ ସୃଷ୍ଟି କରିବା ଆଦି ଦାବି ରହିଛି । ପୂର୍ବରୁ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ ପ୍ରଦର୍ଶନ କରିଥିବାବେଳେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ସ୍ଥଗିତ କରାଯାଇଥିଲା । ତେବେ ଏଥିପରେ ମଧ ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁନଶ୍ଚ ସମୂହ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି ବୋଲି ସଂଘ ପକ୍ଷରୁ ରାଜେଶ କୁମାର ବାରିକ କହିଛନ୍ତି । ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମଧ ଚେତାବନୀ ଦେଇଛନ୍ତି ।

## ବାମନଘାଟି ଉପଖଣ୍ଡ ପ୍ରତି ଅବହେଳା ପ୍ରତିବାଦରେ ସାଇକଲ ରାଲି ମାର୍ଚ୍ଚ ୪ରେ

# ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବାରିପଦା, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡ ଉନ୍ନତି ନିମନ୍ତେ ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । କର୍ମକର୍ତ୍ତାମାନେ ସୋମବାର ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ବିଭୁତିଭୂଷଣ ନାୟକଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥି ସହିତ ବାମନଘାଟି ଉପଖଣ୍ଡର ପ୍ରତି ଅବହେଳା ପ୍ରତିବାଦରେ ସମସ୍ତଙ୍କୁ ସଚେତନ କରିବା ପାଇଁ ମାର୍ଚ୍ଚ ୪ରେ ଭଞ୍ଜସେନା ପକ୍ଷରୁ ସାଇକେଲ ରାଲି ଆରମ୍ଭ ହେବ ବୋଲି କୁହାଯାଇଛି । ପ୍ରଶାସନିକ ଅବହେଳା ସହିତ ସାଧାରଣ ଜନତାଙ୍କ ମୌନବ୍ରତ ଯୋଗୁଁ ଉପଖଣ୍ଡର ଉନ୍ନତି ପାଇଁ ଭଞ୍ଜସେନା ଆନ୍ଦୋଳନ କରିବା ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି । ବାମନଘାଟି ଉପଖଣ୍ଡରେ ଅଭାବୀ ଅଭିଜ୍ଞ ଡାକ୍ତର ଓ କର୍ମଚାରୀ ପଦ ପୂରଣ ସହ ଉପଖଣ୍ଡ ମୁଖ୍ୟ ରାଇରଙ୍ଗପୁର ହସ୍ପିଟାଲକୁ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ଭାବେ ନିର୍ମାଣ କରିବା, କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଗଠନ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରିବା, ବାମନଘାଟି ଉପଖଣ୍ଡ ଅଧୀନରେ ଥିବା ୭ଟି ବ୍ଲକକୁ ୧୦/୧୨ ଗୋଟି ବ୍ଲକକୁ ବୃଦ୍ଧି କରିବା, ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)କୁ କେବଳ ଖଣି ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବେଶ ସନ୍ତୁଳନ ପାଇଁ ଖର୍ଚ୍ଚ କରିବା, ରାଇରଙ୍ଗପୁର ଆଇଟିଡିଏକୁ ତା'ର ପ୍ରକୃତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା ସହ କାମଚଳା କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା, ବାମନଘାଟି ଉପଖଣ୍ଡରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା, ଦୀର୍ଘଦିନରୁ ରାଇରଙ୍ଗପୁର ପୌରପାଳିକା ଦ୍ୱାରା ହେଉଥିବା ଅଧାପନ୍ତରିଆ ଓ ନିମ୍ନମାନର ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତୁରନ୍ତ ସଠିକ ଭାବେ ସମ୍ପାଦନ କରିବା, ରାଇରଙ୍ଗପୁର ସହରରେ ପାଞ୍ଚ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବା ଏକମାତ୍ର ମହତାବ ଭବନ (ଟାଉନ ହଲ)କୁ ଯଥାଶୀଘ୍ର ପୂର୍ଣ୍ଣାଙ୍ଗ କରିବା, ରାଇରଙ୍ଗପୁର ମହାବିଦ୍ୟାଳୟକୁ ସରକାର ତୁରନ୍ତ ହାତକୁ ନେବା, ବାମନଘାଟି ଉପଖଣ୍ଡରେ ତୁରନ୍ତ ଏକ ଖଣିଜ ଭିତ୍ତିକ ଲୌହ ଶିଳ୍ପ ପ୍ରତିଷ୍ଠା ସହିତ ଝାଡ଼ଖଣ୍ଡକୁ ଚୋରଚାଲାଣ ହେଉଥିବା ଖଣିଜ ଓ ଲଘୁ ଖଣିଜ ଦ୍ରବ୍ୟ ରୋକିବା, ପ୍ରସ୍ତାବିତ ଭାଲୁବସା -ପୁରୁଣାପାଣି ବାଇପାସ ରୋଡ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ, ଜନଗହଳି ସମୟରେ ରାଇରଙ୍ଗପୁର ସହର ମଧ୍ୟରେ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ, ବାଙ୍ଗିରିପୋଷି -ଗୋରୁମହିଷାଣୀ, ବାଦାମପାହାଡ଼ -କେନ୍ଦୁଝରର ନୂତନ ରେଳପଥ ନିର୍ମାଣର ଘୋଷଣା ତୁରନ୍ତ କରିବା, ରାଇରଙ୍ଗପୁର ପୋଷ୍ଟାଲ ଡିଭିଜନରେ ତୁରନ୍ତ ରେଗୁଲାର ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ନିଯୁକ୍ତି ପ୍ରଦାନ କରାଯିବା, ପାସପୋର୍ଟ ସହାୟତା କେନ୍ଦ୍ର ଏବଂ ବହୁଦିନରୁ ଅକାମୀ ହୋଇ ପଡ଼ିରହିଥିବା ଆଧାର ସେଣ୍ଟରକୁ ପୁନର୍ବାର କାର୍ଯ୍ୟକାରୀ କରିବା ଆଦି ରହିଛି । ବାମନଘାଟି ଉପଖଣ୍ଡ ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ୧୦ଦିନ ମଧ୍ୟରେ ଦାବିପୂରଣ ନେଇ ଘୋଷଣା ନ ହେଲେ ଭଞ୍ଜସେନା ପ୍ରତିବାଦ କରିବ ବୋଲି କହିଛନ୍ତି । ଗୋରୁମହିଷାଣୀରୁ ମାର୍ଚ୍ଚ ୪ତାରିଖ ସାଇକେଲ ରାଲି ବାହାରି ୫/୬ଦିନ ଧରି ଉପଖଣ୍ଡ ପରିକ୍ରମା କରି ପ୍ରତିବାଦ ପ୍ରଦର୍ଶନ କରିବ ବୋଲି କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଓବିସି ଶାଖା ସଭାପତି ରାକେଶ ବେହେରା, ବାମନଘାଟି ଭଞ୍ଜସେନା ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ସାଧାରଣ ସମ୍ପାଦକ ବିଘ୍ନେଶ୍ୱର ବାସ୍କେ, ଜିଲ୍ଲା ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମୁର୍ମୁ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ଅକ୍ଷୟ କୁମ୍ଭକାର, ସୁନୀଲ କୁମାର ପାତ୍ର, ଭାଗମାତ ସୋରେନ, ରଘୁ ମୁର୍ମୁ, ଠାକୁରଦାସ ସୋରେନ, ସନୁ ପାତ୍ର, ରାଜେଶ ମାରାଣ୍ଡି, କୁଆଁର ମାରାଣ୍ଡି, ବିକ୍ରମ ବାସ୍କେ, ରାମପାଣ୍ଡୁ ଦାସ ବାସ୍କେ, ଠାକୁରଦାସ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।




# ଲକ୍ଷାଧିକ ଟଙ୍କାର ସୁନା ନେଇ ଚମ୍ପଟ ମାରିଲେ ଠକ

ବାରିପଦା, ୧୯ ।୨(ସମିସ): ସୁନା ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ନେଇ ଠକମାନେ ଚମ୍ପଟ ମାରିଛନ୍ତି । ଏନେଇ ବାରିପଦା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବାରିପଦା ଟାଉନ ଥାନା ଅଧୀନ ୱାର୍ଡ ନମ୍ବର ୭, ମଧୁବନ ଅଞ୍ଚଳରେ ସୁନା ଗହଣା ତିଆରି କରୁଥିବା ବ୍ୟବସାୟୀ ଜୟନ୍ତ ସିଂହ (୪୯)ଙ୍କ ଠାରୁ ୩ ଜଣ ଅଜଣା ଠକ ଲକ୍ଷାଧିକ ଟଙ୍କାର ସୁନା ଠକି ନେଇଥିବାର ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଅଜଣା ଠକ ଜୟନ୍ତଙ୍କୁ ଫୋନ କରି ଖାଦ ମିଶ୍ରିତ ଗୁଣ୍ଡ ସୁନା ଅଛି କି ପଚାରି ଥିଲେ । ତେବେ ତାହା ନେବା ପାଇଁ ୩ଜଣ ଅଜଣା ଯୁବକ ବାଇକ୍ ଯୋଗେ ମଧୁବନ ସ୍ଥିତ ଜୟନ୍ତ ସିଂହଙ୍କ ଦୋକାନରେ ପହଞ୍ଚିଥିଲେ । ଠକ ମାନେ ଜୟନ୍ତଙ୍କ ଦୋକାନରେ ଲକ୍ଷାଧିକ ଟଙ୍କାର ଗୁଣ୍ଡ ସୁନା ଦେଖି ପରଖିବା ପାଇଁ ତାଙ୍କୁ ଏସିଡ୍ ଆଣିବାକୁ କହିଥିଲେ । ଜୟନ୍ତ ଏସିଡ୍ ଆଣିବାକୁ ଘର ଭିତରକୁ ଯାଇଥିବା ସୁଯୋଗ ନେଇ ଠକମାନେ ଆଖି ପିଛୁଳାକେ ଦୋକାନରୁ ସୁନା ନେଇ ଚମ୍ପଟ ମାରିଥିଲେ । ତେବେ ଠକାମୀର ଶୀକାର ହୋଇଥିବା ଜୟନ୍ତ ସିଂହ ଠକଙ୍କ କୌଣସି ଖୋଜ ଖବର ନପାଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି ।

# ଥଇଥାନ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ବାରିପଦା, ୧୯ ।୨(ସମିସ): ଜମ୍ବୀରା ଡ୍ୟାମ ଅଞ୍ଚଳର ବାସିନ୍ଦାମାନେ ଥଇଥାନ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୋମବାର ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି । ଶୁଳିଆପଦା ବ୍ଲକ ଦେଉଳି ପଞ୍ଚାୟତର ବିଜୟକୃଷ୍ଣଚନ୍ଦ୍ରପୁର ଗ୍ରାମର ୪ନମ୍ବର ୱାର୍ଡ ବାସିନ୍ଦାମାନେ ଉକ୍ତ ଅଞ୍ଚଳରେ ପ୍ରାୟ ୩୦୦ପରିବାର ବହୁ ଦିନ ହେବ ବସବାସ କରି ଆସୁଛନ୍ତି । ଉକ୍ତ ଗ୍ରାମଟି ଜମ୍ବୀରା ଡ୍ୟାମର ତଳକୁ ଅବସ୍ଥିତ ଅଟେ । ଜମ୍ବୀରା ଡ୍ୟାମ୍ ମାଟିଆଡିବନ୍ଧ ହୋଇଥିବା କାରଣରୁ ବନ୍ଧର ତଳତଳିଆ ଅଞ୍ଚଳ ସବୁବେଳେ ପାଣିଝର ରହୁଛି । ଯାହାଫଳରେ ଗ୍ରାମର ଘର ଗୁଡ଼ିକ ସନ୍ତସନ୍ତିଆ ହୋଇ ରହୁଛି । ଏହାଫଳରେ ଘର କାନ୍ଥ ନଷ୍ଟ ହୋଇ ଧସିଯିବାର ସମ୍ଭାବନା ରହୁଛି । ବର୍ଷା ଦିନରେ ଘର ଭିତର ବାହାର ଦିନ ତମାମ କାଦୁଅ ଭର୍ତ୍ତି ହୋଇଯାଏ । ଫଳରେ ସ୍ଥାନୀୟ ଅଞ୍ଚଳବାସୀ କାଦୁଅ ରାସ୍ତାରେ ଚଳାଚଳ କରିବାକୁ ବାଧ୍ୟ ହେବା ସହ ବିପଦପୁର୍ଣ୍ଣ ଭାବେ ଗୃହରେ ରହୁଛନ୍ତି । ଏହାକୁ ସ୍ଥାନୀୟ ଲୋକମାନେ ଅଧିକାଂଶ ସମୟରେ ରୋଗଗ୍ରସ୍ତ ମଧ୍ୟ ହେଉଛନ୍ତି । ଏହାର ସମାଧାନ ପାଇଁ ସ୍ଥାନୀୟ ଅଧିବାସୀ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହେଲା ନାହିଁ । ତେଣୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ ଜଣାଇଛନ୍ତି । ସମାସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ବୋଲି ମମିତା ଧୀର, ତିଲୋତ୍ତମା ସି, ଭାନୁମତି ଧଳ, ନମିତା ମହାନାଏକ ଓ ରାମଚନ୍ଦ୍ର ସି ପ୍ରମୁଖ ଚେତାବନୀ ଦେଇଛନ୍ତି ।

# କଂଗ୍ରେସର ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ହେଲେ ଅଂଶୁମାନ



ବାରିପଦା, ୧୯ ।୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲାର ମିଡିଆ ସେଲ୍‌ର ଅଧ୍ୟକ୍ଷ ଭାବେ ଅଂଶୁମାନ ଦାସଙ୍କ ନାମ ଘୋଷଣା କରାଯାଇଛି । ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ମୟୂରଭଞ୍ଜ ଜିଲ୍ଲା ପାଇଁ ଅଂଶୁମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ଦାସ ଦୀର୍ଘ ବର୍ଷ ଧରି କଂଗ୍ରେସର ସମସ୍ତ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବେ ତୁଲାଇ ଆସିଛନ୍ତି । ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀ ଦାସ ପିସିସି ସଭାପତି ଶରତ ପଟ୍ଟନାୟକ, ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ପିସିସି ପ୍ରଭାରୀ ଡ. ଅଜୟ କୁମାର, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ନିରୋଜ ଲୋଚନ ଦାସ ଏବଂ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସର ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କୁ ଧନ୍ୟବାଦ ଦେଇଛନ୍ତି ।







# ସହରାଞ୍ଚଳ ସଚେତନତା ଶିବିର

ବାରିପଦା, ୧୯ ।୨(ସମିସ): ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ସହରାଞ୍ଚଳ ବସ୍ତିସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ବାରିପଦା ପୌରପାଳିକା ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ୱାର୍ଡନମ୍ବର ୨୫, ଦେବେନ୍ଦ୍ରପୁରସ୍ଥିତ ପଡ଼ିଆରେ ଅନୁଷ୍ଠିତ ଉକ୍ତ ଶିବିରରେ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଉକ୍ତ ସଚେତନତା ଶିବିର ଅନୁଷ୍ଠିତ ହେଉଛି । ଏହିକ୍ରମରେ ବାରିପଦା ପୌରପାଳିକା ଅଞ୍ଚଳରେ ବିଭିନ୍ନ ଯୋଜନାରେ ହୋଇଥିବା ରୂପାନ୍ତରିତ କାର୍ଯ୍ୟ ବାବଦରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶିବିର ଆୟୋଜନ କରାଯାଇଥିବା ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ବାରିପଦା ପୌରପାଳିକାର ୨୮ଟି ୱାର୍ଡକୁ ୭ଭାଗରେ ବିଭକ୍ତ କରିବା ସହ ୪୬ଟି ବସ୍ତି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ସାମାଜିକ ସୁରକ୍ଷା, ମୁକ୍ତା ଯୋଜନାରେ ସହର ସୌନ୍ଦର୍ଯ୍ୟକରଣ, ରେସନ କାର୍ଡ ଜରିଆରେ ଖାଦ୍ୟ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଭତ୍ତା ପ୍ରଦାନ, ଆହାରକେନ୍ଦ୍ର, ରାସ୍ତା ଘାଟ, ପାର୍କିଂ ଜୋନ, ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତିକରଣ ଆଦି ବିଭିନ୍ନ ରାଜ୍ୟ ସରକାରଙ୍କ ମହତକାଂକ୍ଷୀ ଯୋଜନା ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ଉକ୍ତ ଶିବିରର ଆୟୋଜନ କରାଯାଇଛି । ଉକ୍ତ ଶିବିରରେ ସମସ୍ତ ୱାର୍ଡର କାଉନସିଲର, ପୌର କର୍ମଚାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଯୋଗ ଦେଇଛନ୍ତି ।








## ବିଦ୍ୟାଳୟକୁ ଶିକ୍ଷକ ମଦ୍ୟପାନ କରି ଆସିବାରୁ ଉତ୍ତେଜନା

# ତାଲା ପକାଇ ପ୍ରତିବାଦ କଲେ ଅଭିଭାବକ

ତୁରୁମୁଙ୍ଗା,୧୯।୨(ସମିସ)




କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଦୁଆଘାଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି ଅଭିଭାବକ। ସହଶିକ୍ଷକ ଡମ୍ବରୁଧର ପାତ୍ର ବିଦ୍ୟାଳୟକୁ ବିଳମ୍ବରେ ଆସିବା ଓ ମଦ୍ୟପାନ କରି ଆସୁଥିବା ଏବଂ ବିଦ୍ୟାଳୟରେ ଅଣ ଶିକ୍ଷକ ପ୍ରବେଶ କରି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଥିବାରୁ ଏହାକୁ ନେଇ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଅଭିଭାବକମାନେ ବିଦ୍ୟାଳୟର ଶ୍ରେଣୀଗୃହରେ ତାଲା ପକାଇ ଦେଇଥିଲେ। ଘଟଣା ସ୍ଥଳରେ ସିଆର୍‌ସିସି ବଳଭଦ୍ର ମହାନ୍ତ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ସହଶିକ୍ଷକ ଡମ୍ବରୁଧର ପାତ୍ରଙ୍କ ଅନ୍ୟତ୍ର ବଦଳି ଦାବିରେ ଅଭିଭାବକ ଜିଦ୍ ଧରି ବସିଛନ୍ତି। ଅନ୍ୟ ପକ୍ଷରେ ସହ ଶିକ୍ଷକ ଡମ୍ବରୁଧର ପାତ୍ର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ବିଦ୍ୟାଳୟକୁ ବିଳମ୍ବରେ ଆସିଥିବା ସ୍ୱୀକାର କରିବା ସହ ମଦ୍ୟପାନ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ବିଦ୍ୟାଳୟରେ ତାଲା ପଡିଥିବାରୁ ଶିକ୍ଷାଦାନ ବନ୍ଦ ରହିଛି। ଗତ ଶନିବାର ମଧ୍ୟ ବିଦ୍ୟାଳୟର ଶିକ୍ଷକ ଡମ୍ବରୁଧର ପାତ୍ର ବିଳମ୍ବରେ ଆସିବାରୁ ଛାତ୍ରଛାତ୍ରୀ ଏଣେତେଣେ ବୁଲୁଥିବା ଦେଖି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଅନ୍ୟପଟେ ବିଦ୍ୟାଳୟରେ ୩୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ଘଟଣା ସମ୍ପର୍କରେ ପାଟଣା ସାହାରପଡା ବିଇଓ ଉତ୍ତମ କୁମାର ନାଏକଙ୍କୁ ପଚାରିବାରୁ ଅଭିଭାବକଙ୍କ ଠାରୁ ଅଭିଯୋଗ ଆସିବା ପରେ ଶିକ୍ଷକ ଡମ୍ବରୁଧର ପାତ୍ରଙ୍କ ଦରମା ବନ୍ଦ କରାଯିବା ସହ ଅନ୍ୟ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ନାବାଳିକା ଅସଦାଚରଣକାରୀକୁ କାରାଦଣ୍ଡ

**କେନ୍ଦୁଝର,୧୯।୨(ସମିସ):** କେନ୍ଦୁଝର ଡିଷ୍ଟ୍ରିକ୍ଟ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ତୁରୁମୁଙ୍ଗା ଥାନା ଅନ୍ତର୍ଗତ କଣ୍ଡିଆପଡା ଗ୍ରାମର ଯୋଗେଶ୍ୱର ନାଏକ(୨୧) କୁ ଏକ ନାବାଳିକାକୁ ଅସଦାଚରଣ କରିବା ମାମଲାରେ ଶନିବାର ଏକବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୨ ମାସ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୨-୩-୨୦୨୦ ସନ୍ଧ୍ୟା ସମୟରେ ନାବାଳିକାକୁ ମିଛର ଦେଖା ବାହାନାରେ ନିର୍ଜନ ସ୍ଥାନକୁ ନେଇ ଅସଦାଚରଣ ପାଇଁ ଉଦ୍ୟମ କରୁଥିବା ସମୟରେ ନାବାଳିକା ଜଣକ ଅଭିଯୁକ୍ତଠାରୁ ଖସି ଆସି ଘର ଲୋକଙ୍କୁ ଜଣାଇଥିଲା। ଏନେଇ ନାବାଳିକାର ମାଆ ତୁରୁମୁଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୩୫୪ ଆଇପିସି ଓ ୮ ପୋକ୍ସୋରେ ମାମଲା ରୁଜୁ କରି ୨୯-୩-୨୦୨୦ ରେ ଆସାମୀକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର କେନ୍ଦୁଝର ଡିଷ୍ଟ୍ରିକ୍ଟ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ବୋଲି ଜଣାପଡିଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର



ହାଟଡ଼ିହି/ସୋସୋ,୧୯।୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ଯୋଗ ଦେଇଥିବା ବେଳେ ଏଥିରେ ତହସିଲଦାର ହାକିଲ ଖାଖା, ଅତିରିକ୍ତ ତହସିଲଦାର ସାହେବରାମ ବାସ୍କେ, ଡିଏଫଓ ଅଭୟ କୁମାର ଦଳେଇ, ଏଡିପିଏଚ୍‌ଓ ପ୍ରଶାନ୍ତ ନାୟକ, ଏଡିଏମ୍ ଲଳିତ ସୋରେଙ୍ଗ ସାମିଲ ହୋଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ହାଟଡ଼ିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀଶ୍ରୀ ସିଂ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗରୁ ମୁଖ୍ୟ ଓ ସହ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଜନଶୁଣାଣିରେ ମୋଟ୍ ୧୧୧ଟି ଅଭିଯୋଗ ଦାଖଲ ହୋଇଥିଲା ବେଳେ ବିଶେଷ କରି ଭତ୍ତା, ଗୃହ ଓ ଜମି ପଟ୍ଟା ସମ୍ବନ୍ଧରେ ଅଧିକ ଅଭିଯୋଗ ପରିଲକ୍ଷିତ ହୋଇଥିଲା। ଏଥିରେ ୧୫ଜଣ ଶାରୀରିକ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ୍ କରାଯାଇଥିଲା। ଏହି ଜନଶୁଣାଣି ଶିବିରକୁ ବ୍ଲକର ସହାୟକ ମୁଖ୍ୟ ସହାୟକ ଶ୍ରବଣ କୁମାର ନାୟକ, ଏସ ପ୍ରତୀକ, ଏସିପି ପ୍ରଶାନ୍ତ ସେଠୀ, ବ୍ଲକ୍ କର୍ମଚାରୀ ସୁଦର୍ଶନ ଘଡ଼େଇ ପ୍ରମୁଖ ସହଯୋଗ କରିଥିଲେ।

## ୧୧ କେନ୍ଦ୍ରରେ ୧୭୩୭ ଜଣ ମାଟ୍ରିକ ପରୀକ୍ଷାର୍ଥୀ

**ତୁରୁମୁଙ୍ଗା,୧୯।୨(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହେଉଛି। ପାଟଣା ମୁଖ୍ୟାଳୟସ୍ଥିତ ଜିଏନ୍ ହାଇସ୍କୁଲରେ ନୋଡାଲ ସେଣ୍ଟର ହୋଇଥିବା ବେଳେ ଏହି କେନ୍ଦ୍ର ଅଧୀନରେ ଚଳିତ ବର୍ଷ ୧୧ ଟି ପରୀକ୍ଷା କେନ୍ଦ୍ରରେ ୧୭୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବିଏସ ହାଇସ୍କୁଲ ଡୁମୁରିଆ କେନ୍ଦ୍ରରେ ୨୧୧ଜଣ, ଜନତା ହାଇସ୍କୁଲ ମଲ୍ଲୀପଶିରେ ୨୧୬ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୪ ଜଣ, ଜିଏନ ହାଇସ୍କୁଲରେ ୧୮୮ ଜଣ, ଟାଙ୍ଗରପଡା ହାଇସ୍କୁଲରେ ୧୨୫ ଜଣ, ପଞ୍ଚାୟତ ହାଇସ୍କୁଲ କେନ୍ଦେଇପଶିରେ ୧୯୦ ଜଣ, ମୁରୁସୁଆଁ ହାଇସ୍କୁଲରେ ୧୨୧ ଜଣ, ରାଜନଗର ହାଇସ୍କୁଲରେ ୧୨୬ଜଣ, ଖିରେଇଟାଙ୍ଗରି ହାଇସ୍କୁଲରେ ୧୧୩ ଜଣ, ତୁରୁମୁଙ୍ଗା ହାଇସ୍କୁଲରେ ୧୬୩ ଜଣ, ଏବିସିଡି ହାଇସ୍କୁଲରେ ୧୩୦ ଜଣ ପରୀକ୍ଷାର୍ଥୀ ହାଇସ୍କୁଲ ବୋର୍ଡ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ବୋର୍ଡ ପରୀକ୍ଷା ସୁଚାରୁରୂପେ ପରିଚାଳନା କରିବା ପାଇଁ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅଭିଭାବକମାନେ ଅଯଥା ପରୀକ୍ଷା କେନ୍ଦ୍ର ମାନଙ୍କରେ ଗହଳି ନକରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ଅନୁରୋଧ କରିଛନ୍ତି। କପି ରୋକିବା ପାଇଁ ପାଟଣା ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ମା'ତାରିଣୀ କଳାକାର ପରିଷଦର ବାର୍ଷିକ ଉତ୍ସବ



ସୋସୋ,୧୯।୨(ସମିସ): ହାଟଡିହୀ ବ୍ଲକ ଶାଳଣିଆ ପଞ୍ଚାୟତ ଚମାରଡିରା ମା' ତାରିଣୀ କଳାକାର ପରିଷଦର ତୃତୀୟ ବାର୍ଷିକ ଉତ୍ସବ ମରେଇଗାଁ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ରତ୍ନାକର ଦାଶ, ଶାଳଣିଆ ସରପଞ୍ଚ ସୁମିତ୍ରା ଜେନା, ତ୍ରୈଲୋକ୍ୟ ନାଥ ଜେନା, ନନ୍ଦିପଦା ଥାନା ଏସ୍‌ଆଇ ଗୋପାଳକୃଷ୍ଣ ମିଶ୍ର, ସମାଜସେବୀ ଶରତ ସେଠୀ, ଗୋପିନାଥ ଦ୍ୱିବେଦୀ, ଆର୍ତ୍ତଚନ୍ଦ୍ର ଜେନା, ଗୋପାଳକୃଷ୍ଣ ରାଉତ, ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ରବିନ୍ଦ୍ର କୁମାର ଖଣ୍ଡେଇ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମ୍ବାଦିକ, ବରିଷ୍ଠ ପାଲା ଗାୟକ, ସରପଞ୍ଚ, ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ପରିଷଦର ଉପଦେଷ୍ଟା ବାବଜୀ ଚରଣ ଜେନା, ସଭାପତି ଅନାଦି ଚରଣ କବି, ସମ୍ପାଦକ ରୋହିତ ପୃଷ୍ଟି, ସହ ସମ୍ପାଦକ ରମାକାନ୍ତ ଶଙ୍ଖୁଆ, ପଦ୍ମଲୋଚନ ପଲତା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ



**ରାମଚନ୍ଦ୍ରପୁର,୧୯।୨(ସମିସ):** ଘସିପୁରା ବ୍ଲକ ତରୁଆଁ ଓ ପଣ୍ଡୁଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତରୁଆଁ ସରପଞ୍ଚ ରଶ୍ମୀରଞ୍ଜିତା ବେହେରା ଓ ପଣ୍ଡୁଆ ସରପଞ୍ଚ ଭୂପତିଭୂଷଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ସାମଲ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସମିତିସଭ୍ୟ ସୁନିଲ ଜେନା, ମୋନାଲିସା ସାମଲ ପ୍ରମୁଖ ମଞ୍ଚାସୀନ ହୋଇ ନବୀନ ଓଡିଶାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ସଚେତନତା ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ମହାରଣା, ଅଜୟ କୁମାର ନାୟକ, ପଙ୍କଜ ସାହୁ, ବବିତା ବେହେରା, ଗ୍ରାମ ରୋଜଗାର ସେବକ ଜଗନ୍ନାଥ ପାତ୍ର, ବିଶ୍ୱରଞ୍ଜନ ବେହେରା, ରାଜେନ୍ଦ୍ର ରାଉତ, ଦିଲ୍ଲିପ ବେହେରା, ଏମବିକେ ଗୀତା ରାଉତ, ମିଶନଶକ୍ତୀ ସଭାନେତ୍ରୀ ଜ୍ୟୋସ୍ନାରାଣୀ ରାଉତ, ବିଜୟ ଜେନା, ପ୍ରଶାନ୍ତକୁମାର ଜେନା, ପ୍ରଶନ୍ନ କୁମାର ଜେନା, ବିଭୁତି ବେହେରା, ଅନିଲକୁମାର ଚକ୍ର, ସୌଭାଗ୍ୟ ଜେନା, ହାପିଜ୍ ଖାଁ, ଚେଙ୍ଗିଙ୍ଗ ଖାଁ, ଆଶିଷ୍ ମଲ୍ଲିକ, ପ୍ରଦିପକୁମାର ଚକ୍ର ସମେତ ପଞ୍ଚାୟତସ୍ତରିୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



ପାଟଣା,୧୯।୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ପଞ୍ଚାୟତ ଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ବିଡିଓ ଶିବ ଶଙ୍କର ମୁର୍ମୁ, ସରପଞ୍ଚ ସୁଧାଂଶୁ ଶେଖର ନାଏକ, ସମିତି ସଭ୍ୟ ଅବନୀ କୁମାର ନାଏକ, ସାମାଜିକ କର୍ମୀ ମିତ୍ରଭାନୁ ମହାନ୍ତ, କନିଷ୍ଠ ଯନ୍ତ୍ରୀ ମିହିର କୁମାର ଟୁଡୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଚାକୁଣ୍ଡାପାଳ ପଞ୍ଚାୟତରେ ମଧ୍ୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ରକ୍ଷାମଣି ନାଏକ, କନିଷ୍ଠ ଯନ୍ତ୍ରୀ ମୋନାଲିସା ଚକ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭଶ୍ରୀ ସେଠୀ, ସ୍ୱାସ୍ଥ୍ୟ କର୍ମୀ ଲକ୍ଷ୍ମଣ କୁମାର ମହାନ୍ତ, ରିତା ମହାନ୍ତ, ରଶ୍ମିଲତା ମହାନ୍ତ, କୃଷି ଅଧିଦର୍ଶକ ଦମୟନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



**କେନ୍ଦୁଝର,୧୯।୨(ସମିସ):** ଓଡିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ୬ ଦଫା ଦାବି ପୂରଣ ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଏହାକୁ ନେଇ କେନ୍ଦୁଝର ଶାଖାର ସଦସ୍ୟମାନେ ସଦର ତହସିଲ କାର୍ଯ୍ୟାଳୟ ସମେତ କେନ୍ଦୁଝର ଜିଲ୍ଲାର ଅନ୍ୟ ୧୨ ଗୋଟି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସଂଘର ବିଭିନ୍ନ ଦାବି ଅନୁଯାୟୀ କ୍ୟାଡର ପୁନଃଗଠନ, ସହକାରୀ ରାଜସ୍ୱ ନୀରିକ୍ଷକ ଓ ଅମିନମାନଙ୍କର ସାଧାରଣ ଗ୍ରେଡେସନ ତାଲିକା ପ୍ରାପ୍ୟ ସ୍ତରକୁ ପ୍ରାଥମିକତା ଦିଆଯାଇ ବରିଷ୍ଠତା ଭିତ୍ତିରେ ପ୍ରକାଶ କରିବା, ସହକାରୀ ରାଜସ୍ୱ ନୀରିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରିବା, ପଦୋନ୍ନତି ନିମନ୍ତେ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଆଉଟ ଷ୍ଟାଡିଂ ବ୍ୟବସ୍ଥା ସମାପ୍ତ କରିବା, ଓଡିଶା ପ୍ରଶାସନିକ ସେବା ପାଇଁ ୨୫ପ୍ରତିଶତ ପଦୋନ୍ନତି, ଯୋଗ୍ୟ ରାଜସ୍ୱ ସୁପରଭାଇଜର(ପ୍ରସ୍ତାବିତ ଅତିରିକ୍ତ ତହସିଲଦାର)ଙ୍କ ଦରମା,ସେବା କାର୍ଯ୍ୟକାଳ ଏବଂ ରାଜସ୍ୱ ପ୍ରଶାସନର ଅଭିଜ୍ଞତା ଉପରେ ଆଧାର କରି ପଦୋନ୍ନତି ପାଇଁ ସଂରକ୍ଷଣ କରିବା ଇତ୍ୟାଦି ଦାବଶ ରହିଛିଫ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ସଂଘର ସଭାପତି ଭୂବନାନନ୍ଦ ନାଏକ, ସମ୍ପାଦକ ସତ୍ୟବ୍ରତ ସାହ, ସୁଧାକର ସେଠୀ, ପୁରୁଷତ୍ତୋମ କୁଅଁର, ରଷିନାଥ ମହାନ୍ତ, ଶ୍ରୀକାନ୍ତ ମାଝୀ, ରଞ୍ଜନ କୁମାର ନାଏକ, କ୍ଷମାନିଧି ନାଏକ, ଦେବାନନ୍ଦ ଦଣ୍ଡପାଟ, ଅରବିନ୍ଦ ସାହୁ, ଅବନି ମହାନ୍ତ, ରତିକାନ୍ତ ମହାନ୍ତ, ଭୋଳାନାଥ ପାତ୍ର, ମୀନତି ନାୟକ, ପଦ୍ମିନୀ ମହାନ୍ତ, ଅନୀତା ମହାନ୍ତ, ଚିନ୍ମୟୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପରେ ପରେ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

## ମଧୁବନ ଗ୍ରାମର ମହିଳାଙ୍କ ରାସ୍ତାରୋକ



**ହାଟଡ଼ିହୀ,୧୯ ।୨(ସମିସ):** ଦୀର୍ଘଦିନ ଧରି ମଧୁବନ ଗ୍ରାମର ମହିଳାଙ୍କ ସମେତ ୧୬ଗୋଟି ମିଶନଶକ୍ତିର ମହିଳାଙ୍କୁ ସରପଞ୍ଚ ନିରୁପମା ନନ୍ଦି ଉପେକ୍ଷା କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ଓ ମିଶନଶକ୍ତିର ମାଆମାନେ ଆଜି ପଞ୍ଚାୟତ ସଚେତନ ଶିବିରକୁ ନଯାଇ ହଦଗଡ଼ ଫରେଷ୍ଟ ଗେଟ୍ ନିକଟରେ ରାସ୍ତାରୋକ କରିଥିଲେ। ମହିଳାମାନଙ୍କ ଅଭିଯୋଗ ଅନୁସାରେ, ସେମାନେ କିଛିମାସ ଧରି ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ-ବିଧବା ଭତ୍ତା ପାଇବାରୁ ବଞ୍ଚିତ ହେବା ସହିତ ସରପଞ୍ଚ ନିରୁପମା ନନ୍ଦି ଓ ପିଇଓ ଉମାକାନ୍ତ ସାଙ୍କୁ ଆମେ ଦେଖିନୁ କି ଚିହ୍ନିନୁ ବୋଲି ଅଭିଯୋଗ ରଖିଥିଲେ। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଓ ଯୁବ ବିଜେଡି ନେତା ଅଭିମନ୍ୟୁ ସେଠୀ ପରେ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାରୋକ ଠାରୁ ସଚେତନ ଶିବିର ଯାଏଁ ଦୀର୍ଘ ୨କିମି ରାସ୍ତା ହୋଇଥିଲେ

### ସମସ୍ୟା ସମାଧାନ କଲେ ବ୍ଲକ ଅଧ୍ୟକ୍ଷା

ହଦଗଡ଼ ପଞ୍ଚାୟତଠାରେ ଅନୁଷ୍ଠିତ ସଚେତନ ଶିବିରକୁ ଯାଉଥିଲା ବେଳେ ରାସ୍ତାରୋକ କରିଥିବା ମହିଳାମାନେ ତାଙ୍କ ବାଟ ଓଗାଳିବାରୁ ସେମାନେ ଅଟକି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେମାନଙ୍କ ଅଭିଯୋଗ ଗୁଡ଼ିକ ଶୁଣିବା ସୁଦ୍ଧା ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଓ ବିଜେଡି ନେତା ଅଭିମନ୍ୟୁ ସେଠୀ ସମସ୍ତ ମହିଳା ଓ ମିଶନଶକ୍ତିର ମାଆମାନଙ୍କୁ ସାଙ୍ଗରେ ଧରି ଚାଲିଚାଲି ସଚେତନ ଶିବିରରେ ପହଞ୍ଚିଥିଲେ ଏବଂ ସମସ୍ତ ମହିଳାଙ୍କୁ ସମ୍ମାନୀତ କରିଥିଲେ।

## ତକ୍ଷଶିଳା ଇଣ୍ଟରନେସ୍‌ନାଲ୍ ସ୍କୁଲର ବାର୍ଷିକ ଉତ୍ସବ



**ଆନନ୍ଦପୁର,୧୯।୨(ସମିସ):** କେଶଦୁରାପାଳସ୍ଥିତ ତକ୍ଷଶିଳା ଇଣ୍ଟରନେସନାଲ ସ୍କୁଲର ଦଶମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ ହୋଇଛି। ଶିକ୍ଷାବିତ୍ ହରିପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାଜେନ୍ଦ୍ର ମୁର୍ମୁ, ମୁଖ୍ୟ ବକ୍ତା ବଂଶୀଧର ଓଝା, ସମବାୟ ସମିତି ସଭାପତି ନାରାୟଣ ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମଟିକୁ ଅକ୍ଷୟ କୁମାର ସା ମଞ୍ଚ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଆକାଶ ରଥ ଅଭିଭାବକଙ୍କୁ ଶିକ୍ଷା ସମ୍ବନ୍ଧରେ ସମ୍ବୋଧନ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ସାହୁ, ନକୁଳ ନାୟକ, ରାଜେଶ ଜେନା, ଚନ୍ଦ୍ରଶେଖର ବେହେରା, ଉତ୍ତମ ମଲ୍ଲିକ, ରୂପକ ସିଂ, ପ୍ରଦୀପ ମିଶ୍ର ଓ ଶିକ୍ଷୟିତ୍ରି ରଶ୍ମିତା, ପ୍ରଭାତୀ, ସସ୍ମିତା ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

**ଆନନ୍ଦପୁର,୧୯।୨(ସମିସ):** ମା' ଧନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଖଲିଆମେଣ୍ଟର ବାର୍ଷିକ ପ୍ରତିଷ୍ଠା ଦିବସ ସ୍ଥାନୀୟ ସଂଗଠନ ଗୃହରେ ପାଳିତ ହୋଇଅଛି। ସଂଘର ସଭାପତି ରଙ୍ଗାଧର ମହାରଣାଙ୍କ ସଭାପତିତ୍ୱରେ ଆୟୋଜନ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଜୟ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୀର୍ତ୍ତନ ବିହାରୀ ସାହୁ ଯୋଗଦେଇଥିବା ବେଳେ ସମ୍ପାଦକ ଚିନ୍ତାମଣି ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱଭୂଷଣ ଜେନା ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। ସଂଘର ଉପଦେଷ୍ଟା ସରପଞ୍ଚ ବୃନ୍ଦାବନ ଜେନା ଅଭିଭାଷଣ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ବରିଷ୍ଠ ଶିକ୍ଷକ ଘନଶ୍ୟାମ ବୋଇତେଇ ଓ ବରିଷ୍ଠ ସଭ୍ୟ ପ୍ରଭାକର ନାୟକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବୋଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ଚକ୍ର ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାକୁ ଅଇଁଠୁ ଚରଣ ମହାରଣା, ଦୁର୍ଯ୍ୟଧନ ଜେନା, ପଦ୍ମନାଭ ଚକ୍ର, ଗୋପାଳ ଚରଣ ଭୂୟାଁ, ବିମ୍ବାଧର ଚକ୍ର, ଆନନ୍ଦଚନ୍ଦ୍ର ଦାସ, କୋଦଣ୍ଡଧର ଜେନା ଓ ଅନ୍ୟାନ ସଦାସପ ସହଯୋଗ କରିଥିଲେ।

## ଅଳତିରେ ବିଜେପି ପକ୍ଷରୁ ବୈଠକ

**ରାମଚନ୍ଦ୍ରପୁର,୧୯ ।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ପଞ୍ଚାୟତରେ ଆଜି ବିଜେପି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମନୋରଞ୍ଜନ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଯୁବ ସଂଗଠକ ଦୀପକ ବରାଳ, ବଳରାମ ମହାରଣା, ବିପିନ୍ ଚକ୍ର, ସୂର୍ଯ୍ୟକାନ୍ତ ବରାଳ, ଶତ୍ରୁଘ୍ନ ବରାଳ, ରଞ୍ଜନ ମହାରଣା, ପ୍ରକାଶ ମଲ୍ଲିକ, ହରିହର ମହାରଣା, ସୁଶାନ୍ତ ମଲ୍ଲିକ, ସୁମନ୍ତ ମହାରଣା, କୁଶଭଦ୍ର ରାଉଳ, ଶ୍ରୀକାନ୍ତ ସେଠୀ, ବରୁଣ କୁମାର ମଲ୍ଲିକ, ବିଳାସ କୁମାର ଜେନା, ପରମେଶ୍ୱର ସାହୁ, ସନ୍ତୋଷ ସାମଲ, ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ଆଦି ମହୋତ୍ସବ ଉଦ୍‌ଯାପିତ

କେନ୍ଦୁଝର,୧୯।୨(ସମିସ)




କେନ୍ଦୁଝରରେ ଆଦିବାସୀ କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଚାଲିଥିବା ଆଦି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଆଦିବାସୀ ଯୁବକଯୁବତୀଙ୍କୁ ନେଇ ଜିଲ୍ଲାପାଳ ଅଫିସରୁ ବଳଦେବଜୀଉ ମନ୍ଦିର ଯାଏଁ ଆଦି ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡରେ ପୁରୁଷ ବିଭାଗରେ ସଞ୍ଜୟ ହାଁସଦା, କ୍ଷୀରୋଦ ଚନ୍ଦ୍ର ହାଁସଦା, ବୀର ସିଂ ମାଝୀ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ମଞ୍ଜୁ ମୁଣ୍ଡା, ସୁଖୀ ବାସ୍କେ, ଲିଲି ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଗଣଦୌଡରେ ପ୍ରଥମ ସ୍ଥାନ ଅଧିକାର ପ୍ରତିଯୋଗୀଙ୍କୁ ୫୦ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳାଯାଇଥିଲା। ଉଦଘାଟନୀ ଦିବସରେ କେନ୍ଦୁଝର ଜିଲ୍ଲାର ତେରଟି ବ୍ଲକରୁ ଛବିଶିଟି ଆଦିବାସୀ ନୃତ୍ୟ ଦଳଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ସାଙ୍ଗେ ସୁସୁଙ୍ଗେ ଆଦିବାସୀ ହୋ ଡ୍ୟାନ୍ସ ଗ୍ରୁପ୍, କଣିଆ ପ୍ରଥମ, ଗିରିଧାରୀ ହୋ କମ୍ୟୁନିଟି ଚମ୍ପୁଆ ଦ୍ୱିତୀୟ ଓ ବିର୍ସା ମୁଣ୍ଡା ହୋ ଡ୍ୟାନ୍ସ ଟ୍ରୁପ, ଦଇତାରୀ ତୃତୀୟ ସ୍ଥାନ ଅଧିକାର କରି କ୍ରମାନ୍‌ୱୟରେ ପଚାଶ ହଜାର, ତିରିଶି ହଜାର ଓ କୋଡ଼ିଏ ହଜାର ଟଙ୍କା ଆର୍ଥିକ ରାଶି ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ କେନ୍ଦୁଝର ସାଂସଦ ଚନ୍ଦ୍ରାଣି ମୁର୍ମୁ ଆୟୋଜିତ ସଭାରେ ଯୋଗ ଦେଇ ଆଦିବାସୀ ମାନଙ୍କ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ ଓ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ତାରକା ଶୈଳେନ୍ଦ୍ର ସାମନ୍ତରାୟ, ହାସ୍ୟ ଅଭିନେତା ନନସେନ୍ସ ମଣି ଓ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଦଳ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ଗମ୍ଭାରିଆ-ଜଗନ୍ନାଥପୁର ପିଚୁରାସ୍ତା ଦାବି

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ

ରାଇରଙ୍ଗପୁର, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଆଦିବାସୀପ୍ରବଣ ବାମନଘାଟୀ ଉପଖଣ୍ଡ ବହଳଦା ବ୍ଲକ ଗମ୍ଭାରିଆ ପଞ୍ଚାୟତ ଅଧୀନସ୍ଥ ଜଗନ୍ନାଥପୁର, ବର୍ଗିଡିହି ଓ କଣ୍ଟାସୋଲା ଗ୍ରାମବାସୀ ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜଗନ୍ନାଥପୁର ଠାରୁ ପ୍ରାୟ ୩ କିମି ଦୂରରେ ଥିବା ଗମ୍ଭାରିଆ ରାସ୍ତାଟି ରିଜର୍ଭ ଫରେଷ୍ଟ ଜଙ୍ଗଲ ଦେଇ ଯାଇଛି। ଉକ୍ତ ରାସ୍ତାଟି ବର୍ଷା ଦିନରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରିଥାନ୍ତି। ଏହି ରାସ୍ତାଟି କୁମ୍ଭୀରଦା, ପାହାଡପୁର, ବର୍ଗିଡିହି, ଜଗନ୍ନାଥପୁର, ଭାଲୁଡିହି, କଣ୍ଟାସୋଲା ଓ ଗମ୍ଭାରିଆ ଗ୍ରାମର ରୁ ଅଧିକ ଲୋକ ନିର୍ଭରଶୀଳ ରୁହନ୍ତି। ଜରୁରୀକାଳୀନ ୧୦୮ ଗାଡି, ଅଗ୍ନିଶ୍ରମ ଗାଡି, ପୋଲିସଗାଡି ଓ ବୃଦ୍ଧବୃଦ୍ଧା ଭଡା ଆଣିବା ପାଇଁ ଗ୍ରାମପଞ୍ଚାୟତକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଠାରୁ ଗମ୍ଭାରିଆ ଠାରୁ ଜଗନ୍ନାଥପୁର ରାସ୍ତା ତିଆରି ପାଇଁ ବାରମ୍ବାର ଦୃଢଦାବି ହୋଇଆସୁଛି। ଜଙ୍ଗଲ ଇଲାକାରେ ଏହା ଥିବାରୁ ବନଖଣ୍ଡ ଅଧିକାରୀଙ୍କ ତରଫରୁ ବାଧା ଦେଖାଦେଉଛି। ତେଣୁ ଉକ୍ତ ତିନି ଗାଁର ଗ୍ରାମବାସୀବୃନ୍ଦ, ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ କରିଥିଲେ। ଏହାପରେ ସେମାନଙ୍କ ଦାବିପତ୍ର ଗମ୍ଭାରିଆ ଠାରୁ ଜଗନ୍ନାଥପୁର ରାସ୍ତା ତିଆରି ପାଇଁ ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କୁ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଏଥିରେ ସେମାନଙ୍କୁ ଆଶ୍ୱସନା ଦେଇ କହିଥିଲେ ରାସ୍ତାକାମ ଯଥାଶୀଘ୍ର ହେବ। ଏହାପରେ ସେମାନେ ରାଇରଙ୍ଗପୁର ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରି ସେମାନଙ୍କ ଦାବିକୁ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ। ଉକ୍ତ ଘଟଣାଚକ୍ରରେ ରାଇରଙ୍ଗପୁର ଥାନାଅଧିକାରୀ ସୁଚନ୍ଦ୍ର ମହାଳିକ ଉପସ୍ଥିତ ରହି ଲୋକମାନଙ୍କୁ ଶୃଙ୍ଖଳିତ କରିଥିଲେ। ବନଖଣ୍ଡ ଅଧିକାରୀ ମଧ କହିଥିଲେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବେ। ଉକ୍ତ ରାସ୍ତା ଯଥାଶୀଘ୍ର ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ଖିଚିଂ ଆସୁଛନ୍ତି ରାଷ୍ଟ୍ରପତି; ସ୍ଥିତି ସମୀକ୍ଷା କଲେ ଏସପି



ଶୁକ୍ଳି/ଖିଚିଂ/ରରୁଆଁ, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଶୁକ୍ଳି ବ୍ଲକ ଅଧୀନ ଖିଚିଂସ୍ଥିତ ମା' କିଚକେଶ୍ୱରୀଙ୍କ ଦର୍ଶନ ପାଇଁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫେବୃଆରୀ ୨୯ରେ ଦିନିକିଆ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନ ଓ ରାଜନେତା ପ୍ରସ୍ତୁତିରେ ନିୟୋଜିତ ହୋଇଥିବାବେଳେ ସୋମବାର ମୟୂରଭଞ୍ଜର ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ ଖିଚିଂରେ ପହଞ୍ଚି ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। କରଞ୍ଜିଆରେ ଜନଶୁଣାଣି ଶିବିରରେ ଯୋଗ ଦେବାପରେ ଏସ୍‌ପି ଏସ. ସୁଶ୍ରୀ ଖିଚିଂ ଆସି ପାଣ୍ଡରଶିଳରେ ହେବାକୁ ଥିବା ଅସ୍ଥାୟୀ ହେଲିପ୍ୟାଡ୍ ସ୍ଥାନ ଦେଖିବା ସହିତ ଖିଚିଂରେ ମନ୍ଦିର ପରିଛା ଅଜୟ କୁମାର ସାହୁ ଏବଂ ପୂଜକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସହିତ ଆଲୋଚନା କରିଥିଲେ। ଏସପି ଙ୍କ ସହିତ କରଞ୍ଜିଆ ଏସଡିପିଓ ସୁବ୍ରତ କୁମାର ଏବଂ ରରୁଆଁ ଥାନା ଅଧିକାରୀ ସୁମନ୍ତ ସେଠି ଉପସ୍ଥିତ ରହିଥିଲେ। ରାଷ୍ଟ୍ରପତି ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ଖୁବ କଡାକଡ଼ି କରାଯିବା ନେଇ ସୂଚନା ମିଳିଛି।

## ଦୁର୍ଘଟଣାରେ ବିଜେଡି କର୍ମୀଙ୍କ ମୃତ୍ୟୁ

ସାରସକଣା/ଜାମଶୋଳା, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ଜଣେ ଲୋକପ୍ରିୟ ବିଜେଡି କର୍ମୀଙ୍କ ଅକାଳ ବିୟୋଗ ହେଇଯାଇଛି। ରାଜାଲୋକା ପଞ୍ଚାୟତର



ରାଉତରା ଗ୍ରାମର ବସନ୍ତ ଘୋଷଙ୍କ ପୁଅ ସୁଜିତ କୁମାର ଘୋଷ ଗତକାଲି ରାତିର ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରିଥିଲେ। ଯିବା ପୂର୍ବରୁ ସାଙ୍ଗସାଥୀ ମେଳରେ ବମ୍ବେଛକ ବଜାରରେ ଚା ପିଇ ନିଜ ଗ୍ରାମ ରାଉତରା କୁ ବାହାରି ଯାଇଥିଲେ। କିଛି ସମୟ ପରେ ସେହି ରାସ୍ତାରେ ଲୋକମାନେ ଯିବା ସମୟରେ ରାଜାଲୋକା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ସୁଜିତ ପଡ଼ିଥିବା ଜାଣି ପାରିଥିଲେ। ନିକଟରେ ଆଉଜଣେ ସ୍ଥାନୀୟ ଯୁବକ ମଧ୍ୟ ଆହତ ହୋଇ ପଡ଼ିଥିଲେ। ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ପରେ ଡାକ୍ତର ସୁଜିତକୁ ମୃତ ଘୋଷଣା କରିଥିଲେ। ସୁଜିତ ସବୁଦିନେ ନିଜ ସାଙ୍ଗ ସହିତ ଘରକୁ ଫେରୁଥିବା ବେଳେ, ଗତକାଲି ତାଙ୍କ ବାପା ମା ରାଉରକେଲା ଯାଇଥିବାରୁ ସେ ଆଗୁଆ ଘରକୁ ପଳାଇଥିଲେ ହେଲେ ଘରକୁ ପହଞ୍ଚିବା ପୂର୍ବରୁ ତାଙ୍କର ଦୁର୍ଘଟଣା ହୋଇଥିଲା।

## ଜେଏମ୍ଏମ୍‌ରେ ଯୋଗଦେଲେ ଅନ୍ୟ ଦଳର କର୍ମୀ



ବଡ଼ଡାଳିମା /ତିରିଙ୍ଗ, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗ ବ୍ଲକ ଅଧୀନ ବଡ଼ଡାଳିମା ଜେଏମ୍ଏମ୍ କାର୍ଯ୍ୟାଳୟ ପରିସରରେ ଆଜି ବହୁସଂଖ୍ୟାରେ ବିଜେପି କର୍ମୀ ଦଳ ଛାଡ଼ି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ମଙ୍ଗ ଧରିଛନ୍ତି। ଏହି ଅବସରରେ ଜେଏମଏମ୍‌ର ରାଜ୍ୟ ସଭାପତି ଅଞ୍ଜଳି ସୋରେନ ମାରାଣ୍ଡି ବଡ଼ଡାଳିମାର ଜେଏମ୍ଏମ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ବ୍ଲକ ସଭାପତି ରୂପାୟ ମୁର୍ମୁଙ୍କ ଉଦ୍ୟମରେ ସଚିନ ଟୁଡୁ, କର ବାସ୍କେ, ସଞ୍ଜୟ ମାଝୀ, ପ୍ରିଥି ହାଁସଦା, ବାବଲୁ ପାତ୍ର, ଠାକୁରଦାସ ଟୁଡୁ, ରମେଶ ଚନ୍ଦ୍ର ମୁର୍ମୁ, ସୁନ୍ଦର ମୋହନ ମୁର୍ମୁ, ସନ୍ତୋଷ ଟୁଡୁ, ବାରୀୟାଲ ହେମ୍ବ୍ରମ୍, ବୁଢ଼ାନ ବେସ୍ରା, ଧାନମଣୀ ମୁର୍ମୁ ପ୍ରମୁଖଙ୍କୁ ପାନମଣି ସୋରେନ ଉତ୍ତରୀୟ ପ୍ରଦାନ କରିଥିଲେ। ସୁନ୍ଦର ମୋହନ ଟୁଡୁ, ଉପ ସଭାପତି ବାହା ମାରାଣ୍ଡି, ଡିକୁ ମାରାଣ୍ଡି, ବୁଡୁରୁ ମଣ୍ଡଳ, ସାକଲା ଟୁଡୁ, ସାକଲା ମାଝୀ, ରାଜିନ ମାରାଣ୍ଡି, ଧାନାଇ ମାରାଣ୍ଡି, ଗୁନାରାମ ମୁର୍ମୁ ଉପସ୍ଥିତ ଥିଲେ।

## ନୂଆ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ରାଇରଙ୍ଗପୁର, ୧୯ ।୨(ସମିସ): ବାମନଘାଟୀ ଉପଖଣ୍ଡ ବହଳଦା ବ୍ଲକ ବାସିଙ୍ଗି ପଞ୍ଚାୟତ ପରିସରରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସଭାପତି ପଞ୍ଚାୟତ ସରପଞ୍ଚ ମାହି ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଏବିଡିଓ ଶକ୍ତି ପ୍ରସାଦ ପାଇକରାୟ, ନୋଡାଲ ଅଫିସର ସିଦ୍ଧାର୍ଥ ପାଲ, ବିପିଏମ୍ ସରୋଜ କୁମାର ମଲ୍ଲିକ, ଆଇ ସିଡିଏସ୍ ଅଧିକାରୀ ବୀଣାପାଣି ମିଶ୍ର, ୨୬ ନଂ ଜିଲ୍ଲା ପରିଷଦ ସଭ୍ୟା ସୂର୍ଯ୍ୟମଣି ହାଁସଦାଃ, ପୂର୍ବତନ ବିଧାୟକ ସାଇବା ଶୁଶୀଲ କୁମାର ହାଁସଦାଃ, ପିଇଓ ପ୍ରିୟଙ୍କା ସେଠୀ ଓ ବିଏଲଏଫ୍ ଲିଡର ରସ୍ମିତା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭ ପୂର୍ବରୁ ଦାସକାଠିଆ ଦଳ ଆମ ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କଲାପରେ ଅତିଥିଗଣଙ୍କୁ ସମ୍ମାନିତ କରାଯାଇଥିଲା। ଏଠାରେ ଥିବା ଷ୍ଟଲମାଧ୍ୟମରେ ଲୋକେ ସେମାନଙ୍କର ସମସ୍ୟାଗୁଡିକୁ ଜଣାଇବା ସହିତ ତାର ଆଶୁ ସମାଧାନ ପାଇପାରିବେ ବୋଲି ସୂଚନା ଦେଇଥିଲେ। ବିଭିନ୍ନ ଲାଇନରୁ ଆସିଥିବା ଅଫିସର ଗଣ ସରକାରଙ୍କ ଯୋଜନା ସମ୍ପର୍କରେ ସକ୍ଷେପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତି ପଞ୍ଚାୟତର ଉନ୍ନତିର ପୁସ୍ତିକା ଉନ୍ମୋଚିତ ହେବା ପରେ ଏଲ୍‌ଇଡି ଭିଡିଓ ମାଧ୍ୟମରେ ଏହାର ଛବିକୁ ପ୍ରଦର୍ଶିତ କରାଯାଇଥିଲା। ଏହି ସଭାକୁ ବିପିଏମ୍ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲା ବେଳେ ନୋଡାଲ ଅଫିସର ସିଦ୍ଧାର୍ଥ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ବାସିଙ୍ଗ ଗ୍ରାମବାସୀବୃନ୍ଦ, ଆଶାକର୍ମୀ, ଅଙ୍ଗନୱାଡୀକର୍ମୀ, ସ୍ୱାସ୍ଥ୍ୟକର୍ମୀ ତଥା ବିଭିନ୍ନ ଲାଇନରୁ ଆସିଥିବା ଅଫିସରଗଣ ଯୋଗ ଦେଇଥିଲେ।

## ଆତ୍ମହତ୍ୟା ଉଦ୍ୟମ ପୀଡ଼ିତଙ୍କୁ ମିଳିଲାନି ପ୍ରାଥମିକ ଚିକିତ୍ସା

କେସିପୁର ଡାକ୍ତରଖାନାରେ କେମିତି ଚାଲିଛି ସ୍ୱାସ୍ଥ୍ୟସେବା

ବେତନଟୀ, ୧୯ ।୨(ସମିସ): ଅସ୍ୱଭାବିକ ମାନସିକସ୍ଥିତି ଥିବା ଜଣେ ବୃଦ୍ଧ ସୋମବାର ଅପରାହ୍ନରେ କୀଟନାଷକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ମାତ୍ର ସେଠାରେ ପ୍ରାଥମିକ ଚିକିତ୍ସା ଯୋଗାଇବା ଦୂରେ ଥାଉ ହାତ ବି ମାରିଲେନି କି କୌଣସି ପ୍ରକାର ଚିକିତ୍ସା ନ କରି କାର୍ଯ୍ୟରତ ଡାକ୍ତର ପଠାଇ ଦେଲେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା। ଏଭଳି ବିଚିତ୍ର ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳିଛି ବେତନଟୀ ଥାନା ଅଧୀନ କେସିପୁର ଡାକ୍ତରଖାନାରେ। ହସ୍ତଗତ ସୂଚନା ମୁତାବକ ବେତନଟୀ ଥାନା ଅଧୀନ ନଙ୍ଗଳକଟାସ୍ଥିତ କୋର୍ଟଛକରେ ରହୁଥିବା ୬୦ବର୍ଷିୟ ମାଥୁୟ ରାୟଙ୍କର ମାନସିକସ୍ଥିତି ଅଧିକାଂଶ ସମୟ ସ୍ୱଭାବିକ ରହି ନ ଥାଏ। ସୋମବାର ଅପରାହ୍ନରେ କୌଣସି କାରଣରୁ ଘରେ ଥିବା କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ନିକଟସ୍ଥ କେସିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ପ୍ରାଥମିକ ଚିକିତ୍ସା ମିଳିବା ଦୂରେ ଥାଉ କାର୍ଯ୍ୟରତ ଡାକ୍ତର ତାଙ୍କୁ ହାତ ମଧ ମାରିଲେ ନାହିଁ। ଗୁରୁତର ମାଥୁୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ପରିବାରବର୍ଗ ଏବଂ ସ୍ଥାନୀୟଲୋକେ ତୁରନ୍ତ ପଟାସପାଣି ପିଆଇବାକୁ କାର୍ଯ୍ୟରତ ଡାକ୍ତରଙ୍କୁ କହିଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ଏନେଇ ତାଲିମ୍ ନେଇ ନ ଥିବାରୁ ପଟାସପାଣି ପିଆଇ ପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ। ପ୍ରାଥମିକ ଚିକିତ୍ସା ନପାଇ ବିଷଜ୍ୱାଳାରେ ଦୀର୍ଘସମୟ ଧରି ଛଟପଟ ହେଉଥିବା ମାଥୁୟଙ୍କୁ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ଏନେଇ ଡାକ୍ତରକାନା ଅଧିକାରୀ ଡ. ମହେଶ୍ୱର ମାଝୀଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ଓ ଏନେଇ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି। ପୁନଶ୍ଚ ପଟାସ୍ ପାଣି ପିଆଇବାକୁ ଇଣ୍ଡେକ୍ସଟ୍ରେନିଂର ଆବଶ୍ୟକତା ଥିବାବେଳେ କାର୍ଯ୍ୟରତ ଡାକ୍ତର ଉକ୍ତ ଟ୍ରେନିଂ ନେଇ ନ ଥିବାରୁ ପଟାସପାଣି ପିଆଇ ପାରି ନ ଥିବେ ବୋଲି କହିଛନ୍ତି। ତେବେ ଜଣେ ଉତ୍କଟ କୀଟନାଶକ ବିଷ ପିଇ ଗୁରୁତର ହୋଇପଡ଼ିଥିବା ବ୍ୟକ୍ତିଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ନମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

## ୧୧ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୭୪୮ ଛାତ୍ରଛାତ୍ରୀ

ଚିତ୍ରଡ଼ା, ୧୯ ।୨(ସମିସ): ୨୦ ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକର ୧୧ଟି ପରୀକ୍ଷାକେନ୍ଦ୍ରରେ ୧୭୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ଦେଇଛନ୍ତି ମୋରଡା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ। ଚିତ୍ରଡ଼ାସ୍ଥିତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୫, ଝିଙ୍କିରିଆ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୭, ନିଟୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟକେନ୍ଦ୍ରରେ ୧୪୫, ଗଡ଼ିଗାଁ ହାଇସ୍କୁଲ କେନ୍ଦ୍ରରେ ୨୦୧, ଚିନ୍ତାମଣି ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ର ଗଡ଼ିଆରେ ୧୯୧, ବଡ଼ମୁଣ୍ଡାବଣି ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୧୨, ମୋରଡ଼ାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୩୮, ଏନଏନ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଝାଳିଆ କେନ୍ଦ୍ରରେ ୧୪୪, ସୁରେଇଡ଼ିହି ଶ୍ରୀରାମଜୀ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୪, ଦାନ୍ତିଆମୁହାଁ ଏବଂ ଖୁରୁଣ୍ଟିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୬୮ ଏବଂ ୧୪୩ ଜଣ ଛାତ୍ରୀଛାତ୍ର ପରୀକ୍ଷାଦେବେ ବୋଲି ସୂଚନା ମିଳିଛି।

## ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଉଦ୍‌ଘାଟିତ



ବଡ଼ସାହି/ମାଣତ୍ରୀ, ୧୯ ।୨(ସମିସ): ରବିବାର ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରସ୍ଥିତ ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେରେ ସଭାପତି ମୌସୁମୀ ମହାପାତ୍ର ତଥା ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ଜେନା ଶ୍ରୀ ଅରବିନ୍ଦଙ୍କ ଜୀବନ ଆର୍ଦଶ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ମାତୃଭବନର ମୁଖ୍ୟ ବାବୁଲି ଭାଇ ଆଦର୍ଶ ଜୀବନଯାପନ ପାଇଁ ଆଧ୍ୟାପିକ ଚେତନା ନିତାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଏଥିରେ ଚିତ୍ତ ଭାଇ, ପ୍ରଫୁଲ୍ଲ ଭାଇ, ଲମ୍ବୋଧର ଭାଇ ଓ ମୁକୁନ୍ଦ ଭାଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଥିରେ ମାନଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଚିତ୍ତରଞ୍ଜନ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମା' ମଙ୍ଗଳା ଭଲିବଲ୍ ଟିମ୍ ମଧୁପୁରା ଚାମ୍ପିଅନ



ବଡ଼ସାହି, ୧୯ ।୨(ସମିସ): ଖେଳ ମାଧ୍ୟମରେ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସାଧିତ ହୋଇଥାଏ। ଏକତାର ସୂତ୍ରରେ କ୍ରୀଡ଼ା ହିଁ ସମସ୍ତଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥାଏ ବୋଲି ନ୍ୟୁ ଶିବଶକ୍ତି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ସମାଜସେବୀ ତଥା ଶିକ୍ଷକ ଦୀପକ କୁମାର ପାତ୍ର ମତବ୍ୟକ୍ତ କରିଥିଲେ। ଅନ୍ୟତମ ବିଶେଷ ଅତିଥି ଭାବେ ବଡ଼ସାହି ବ୍ଲକର ସମିତି ସଭ୍ୟ ମାମିନା ମୁର୍ମୁ ଏବଂ ସ୍ଥାନୀୟ ସରପଞ୍ଚ ବୁଧୁରାମ ସିଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବାବେଳେ ମା ମଙ୍ଗଳା ଭଲିବଲ ଟିମ ମଧୁପୁରା ଓ ପାଇକସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ବର୍ଷ ମା ମଙ୍ଗଳା ଭଲିବଲ୍ ଟିମ୍ ମଧୁପୁରା ଚାମ୍ପିଅନ ହୋଇଥିବା ବେଳେ ପାଇକସାହି ଟିମ ରନର-ଅପ୍ ହୋଇଥିଲ। ମ୍ୟାଚୟର ପରିଚାଳନା ଦାୟିତ୍ୱରେ ନାଳୀନି ଏବଂ ତପନ ନିଜର ଦୟିତ୍ୱକୁ ତୁଲାଇଥିଲେ। କୋମଳ ଲୋଚନ ଦାସ, ଶଙ୍କରବେହେରା, ନିଶିକାନ୍ତ ମହାନ୍ତ, ମାନସ ନାଏକ, ପାର୍ଥସାରଥୀ କର୍ଣ୍ଣବେଦ, ଜୟନ୍ତ କୁମାର ମହାନ୍ତ, ମନୋଜ କୁମାର ମହାନ୍ତ, ଟିକନ ଦାସ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। କ୍ଲବର ସଭାପତି ଦୈତାରୀ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜୈବ ବିବିଧତା ପରିଚାଳନା କମିଟି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଉଦଳା, ୧୯ ।୨(ସମିସ): ଓଡ଼ିଶା ଜୈବ ବିବିଧତା ବୋର୍ଡ, ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାମ ସ୍ୱରାଜର ମିଳିତ ସହଯୋଗରେ ଉଦଳା ସ୍ଥିତ ସେହ୍ନ ତୁଳସୀ କଲ୍ୟାଣ ମଣ୍ଡପ ଠାରେ ଜୈବ ବିବିଧତା ପରିଚାଳନା କମିଟି ଗୁଡିକର ଏକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଛି। ଉକ୍ତ କାର୍ଯ୍ୟକ୍ରମର ବିଷୟବସ୍ତୁ ଜନ ଜୈବ ବିବିଧତା ପଞ୍ଜିକା ସମ୍ପର୍କରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବନ୍ୟପ୍ରାଣୀ ବିଭାର ମୁଖ୍ୟ ଡ. ସୃଷ୍ଟିଧର ରାଉତ, ଜୈବ ବିବିଧତା ବୋର୍ଡର ପ୍ରାଣୀ ବୈଜ୍ଞାନିକ ଡ. ସତ୍ୟରଞ୍ଜନ ବେହେରା, ଡ. ଶୁଭ୍ରାଂଶୁ କୁମାର ନାୟକ ଓ ଗ୍ରାମ ସ୍ୱରାଜର ସମ୍ପାଦକ ଦୀପକ କୁମାର ପାଣି ପ୍ରମୁଖ ଯୋଗଦେଇ ଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମୁଖ୍ୟ ଡଃ ରାଉତ ପ୍ରାଣୀ ଜୈବବିବିଧତା ସମ୍ପର୍କରେ ଆଲୋଚନା କରିଥିବାବେଳେ ଜୈବ ବିବିଧତାର ବୋର୍ଡର ପ୍ରାଣୀ ବୈଜ୍ଞାନିକ ଡ. ବେହେରା ପ୍ରାଣୀ ଜୈବ ବିବିଧତା ଓ ସମାଜ ତିଷ୍ଠି ରହିବା ପାଇଁ ସେଗୁଡିକର ଆବଶ୍ୟକତା ଏବଂ ଜୈବ ବିବିଧତାର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡ. ନାୟକ ଜୈବ ସମ୍ବଳର ଉପଯୋଗ ଏବଂ ଜୈବ ସମ୍ବଳରୁ ମିଳୁଥିବା ଲାଭର ଉତ୍ତମ ବଣ୍ଟନ ତଥା ଜୈବ ବିବିଧତା ପରିଚାଳନା କମିଟି ଗୁଡିକର ସଶକ୍ତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଅପରପକ୍ଷରେ ଗ୍ରାମ ସ୍ୱରାଜ ସମ୍ପାଦକ ଦୀପକ କୁମାର ପାଣି ବିପଦଗ୍ରସ୍ତ ଥିବା ଜୈବ ସମ୍ପଦ ତଥା ଅବଲୁପ୍ତ ହୋଇଯାଉଥିବା ଜାତି, ପ୍ରଜାତିର କିପରି ସଂରକ୍ଷଣ କରାଯାଇ ପାରିବ ସେ ନେଇ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମୟୂରଭଞ୍ଜ



ଜିଲ୍ଲା ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ, ଦୁଗ୍ଧା, ବଡସିଙ୍ଗାରିଆ ପଞ୍ଚାୟତ, କପ୍ତିପଦା ବ୍ଲକର ମାଙ୍କଡ଼ପଦା, ଶାଳଚୂଆ, ନୋଟ, କୋଳିଆଳାମ, ରାମଚନ୍ଦ୍ରପୁର, ଜେ.ଏସ ଜାମୁଡିହା, କଳମଗଡ଼ିଆ ଗ୍ରାମପଞ୍ଚାୟତ, ଶ୍ୟାମାଖୁଣ୍ଟା ବ୍ଲକର କଳାପଥର ଗ୍ରାମପଞ୍ଚାୟତ ଏବଂ ଖୁଣ୍ଟା ବ୍ଲକର ଲକ୍ଷ୍ମଣସାହି ଗ୍ରାମପଞ୍ଚାୟତର ଜୈବ ବିବିଧତା ପରିଚାଳନା କମିଟି ଗୁଡିକର ସମସ୍ତ ସଭ୍ୟ ଓ ସଭ୍ୟା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଦୀପ କୁମାର ବେହେରା, ସତ୍ୟବ୍ରତ ବାରିକ ଓ ଯୋଗେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ମତଦାନ କେନ୍ଦ୍ରର ନାମକରଣ ଓ ପରିବର୍ତ୍ତନ ପାଇଁ ସର୍ବଦଳୀୟ ବୈଠକ

## ୧୧୮ ଟି ମତଦାନ କେନ୍ଦ୍ରର ପୁନଃ ନାମକରଣ

## ୧୧ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ

ବାରିପଦା, ୧୯ ।୨(ସମିସ)



ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ପୂର୍ବ ପ୍ରସ୍ତୁତି ଚାଲିଥିବାବେଳେ, ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ନିର୍ଭୁଲ ଏବଂ ତ୍ରୁଟି ମୁକ୍ତ କରିବା ପାଇଁ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ଦେଖାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ପ୍ରମୁଖ ରାଜନୈତିକ ଦଳମାନଙ୍କୁ ନେଇ ଏକ ସର୍ବଦଳୀୟ ପ୍ରତିନିଧି ମାନଙ୍କର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ଉପଖଣ୍ଡ ସ୍ତରୀୟ ଉପଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଅଭିମନ୍ୟୁ ବେହେରା ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଥିବା ମତଦାନ କେନ୍ଦ୍ର ଗୁଡିକର ପୁନଃ ନାମକରଣ ଏବଂ କେନ୍ଦ୍ର ମାନଙ୍କର ସ୍ଥାନ ପରିବର୍ତନ ବିଷୟରେ ଆଲୋଚନା କରା ଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ, ବର୍ତମାନ ସୁଦ୍ଧା ସମଗ୍ର ଜିଲ୍ଲାରେ ୧୧୮ ଟି ମତଦାନ କେନ୍ଦ୍ର ଗୁଡିକର ପୁନଃ ନାମକରଣ ଏବଂ ୧୧ଟି ମତଦାନ କେନ୍ଦ୍ର (୪ଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ) ଗୁଡିକର ସ୍ଥାନ ପରିବର୍ତନ କରାଯିବାପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ବିବରଣୀ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠା ଯାଇଛି। ପ୍ରକାଶ ଥାଉକି, ଜିଲ୍ଲାରେ ସାରସକଣାରେ ୮ଟି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ ୧୧ଟି, ବଡ଼ସାହିରେ ୩ଟି, ବାରିପଦାରେ ୪୮ଟି, ମୋରଡ଼ାରେ ୧୫ଟି ଏବଂ ଉଦଳାରେ ୩୩ଟି ମତଦାନ କେନ୍ଦ୍ରମାନଙ୍କର ନାମ ପରିବର୍ତ୍ତନ ପାଇଁ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି। ସେହିପରି ଭାବରେ ୧୧ଟି ମତଦାନ କେନ୍ଦ୍ର ଯଥାକ୍ରମେ, ବଡ଼ସାହି (୪), ବାରିପଦା (୪), ରାଇରଙ୍ଗପୁର(୧) ଏବଂ ମୋରଡା(୨) ନିର୍ବାଚନ ମଣ୍ଡଳୀଙ୍କର ସ୍ଥାନ ପରିବର୍ତନ ପାଇଁ ଆବେଦନ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠା ଯାଇଛି। ଏହି ପରିବର୍ତ୍ତନ ସ୍ଥାନୀୟ ବିଶେଷତା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଇଛି ବୋଲି ଜିଲ୍ଲାପାଳ ସୂଚାଇଥିଲେ। ଏହି ଆଲୋଚନାପରେ ସମସ୍ତ ରାଜ୍ୟ ଏବଂ ଜାତୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ମାନଙ୍କର ପ୍ରତିନିଧି ମାନଙ୍କ ସହିତ ଜିଲ୍ଲାପାଳ ଏହି ନାମକରଣ ଏବଂ କେନ୍ଦ୍ର ମାନଙ୍କର ସ୍ଥାନ ପରିବର୍ତନ ବିଷୟରେ ବିମର୍ଷ କରିଥିଲେ। ସମସ୍ତ ରାଜନୈତିକ ଦଳ ମାନଙ୍କର ପ୍ରତିନିଧି ମାନେ ଏହି ପ୍ରସ୍ତାବ ପତ୍ର ଯାଞ୍ଚ ପରେ ଧନ୍ୟବାଦ ଅର୍ପଣ ସମେତ ଏହି ବୈଠକ ଶେଷ ହୋଇଥିଲା।

ବୈଠକରେ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର (ନିର୍ବାଚନ), ଦୁର୍ଗା ଚରଣ ମୁର୍ମୁ, କପ୍ତିପଦା ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରତୀକ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାରିପଦାରେ ରାଜ୍ୟପାଳ ରଘୁବର ଦାସ



ବାରିପଦା, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାଗସ୍ତ ଅବସରରେ ରାଜ୍ୟପାଳ ରଘୁବର ଦାସ। ସୋମବାର ସନ୍ଧ୍ୟାରେ ସେ ବାରିପଦାରେ ପହଞ୍ଚିଛନ୍ତି। ବାରିପଦାସ୍ଥିତ ସର୍କିଟ ହାଉସଠାରେ ଜିଲ୍ଲାପାଳ ଆଶିଷ ଠାକରେ, ଏସ୍‌ପି ଏସ୍ ସୁଶ୍ରୀ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଛନ୍ତି। ମଙ୍ଗଳବାର ବାରିପଦା ଓ ଶୁଳିଆପଦା ବ୍ଲକର ବିଭିନ୍ନ ସ୍ଥାନରେ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପୂର୍ବାହ୍ନ ୯ଟା ୩୦ରେ ସର୍କିଟ୍ ହାଉସ ଠାରୁ ସଡ଼କ ପଥରେ ବାହାରି ୯ଟା ୫୫ମିନିଟରେ ଶୁଳିଆପଦା କୁଜିଡିହିସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ପୋଷଣ ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ୧୦ଟା।୨୦ମିନିଟରେ କୁଜିଡିହିର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କ ସହ ଆଲୋଚନା କରିବେ। ୧୧.୧୦ମିନିଟରେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତର, ପାରାମେଡିକାଲ, ଆଶାକର୍ମୀ ଓ ରୋଗୀଙ୍କୁ ଭେଟି ଆଲୋଚନା କରିବେ ଏବଂ ୧୧.୩୫ମିନିଟରେ କୋଷ୍ଠା ସରକାରୀ ହାଇସ୍କୁଲରେ ପହଞ୍ଚି ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିବେ। ମଧ୍ୟାହ୍ନ ୧୨ଟା ୦୫ମିନିଟରେ ସମୟରେ ସାଲସାହି ଠାରେ ପହଞ୍ଚି ଓରମାସ ସବାଇ କ୍ଲଷ୍ଟରର ପ୍ରାୟ ୨ଶହ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ କରିବେ ଏବଂ ୧୨.୫୦ମିନିଟରେ ବଡ଼ଢେଙ୍କିଆ ଗ୍ରାମରେ ପହଞ୍ଚି ଗ୍ରାମବାସୀ ମାନଙ୍କ ସହ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଓ କୃଷକଙ୍କ ସହ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବେ। ଏହାପରେ ଅପରାହ୍ନ ୧ଟା ୩୦ମିନିଟରେ କାର ଯୋଗେ ବଡ଼ଢେଙ୍କିଆ ଗ୍ରାମରୁ ବାହାରି ବାରିପଦା ସର୍କିଟ୍ ହାଉସରେ ପହଞ୍ଚି ମଧ୍ୟାହ୍ନ ଭୋଜନ ସହିତ ବିଶ୍ରାମ କରିବେ। ଏହାପରେ ଅପରାହ୍ନ ୩ଟା ସମୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ହରିବଳଦେବ ଜୀଉଙ୍କ ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଦର୍ଶନ ସାରି ବାରିପଦା ସର୍କିଟ୍ ହାଉସକୁ ଫେରି ଅପରାହ୍ନ ୪ଟାରେ କାର ଯୋଗେ ଝାଡ଼ଖଣ୍ଡର ଜାମସେଦପୁରକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଗସ୍ତ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ରାଜ୍ୟପାଳଙ୍କ ଗସ୍ତ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ଗନ୍ତବ୍ୟସ୍ଥଳୀଗୁଡିକରେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ ନେଇ ଦସ୍ତଖତ ସଂଗ୍ରହ ଅଭିଯାନ

ବିଶୋଇ, ୧୯ ।୨ (ସମିସ) : କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ୧୧ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସର୍ବଭାରତୀୟସ୍ତରରେ ଏସ୍‌ୟୁସିଆଇ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଏନେଇ ଏସ୍‌ୟୁସି.ଆଇ ପକ୍ଷରୁ ସାରା ଭାରତବର୍ଷରେ ଜନସାଧାରଣଙ୍କ ଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। କମ୍ରେଡ ମଧୁସୂଦନ ନାଏକଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନ ମଣ୍ଡଳୀରେ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଦରଦାମ ବୃଦ୍ଧିକୁ ବିରୋଧ, ଜନବିରୋଧୀ ଜାତୀୟ ଶିକ୍ଷା ନୀତି -୨୦୨୦କୁ ତୁରନ୍ତ ପ୍ରତ୍ୟାହାର, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହିତ ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ସେବାର ଘରୋଇକରଣ ବନ୍ଦ ସହିତ ସରକାରଙ୍କ ପକ୍ଷରୁ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ବିଦ୍ୟୁତ ବିଲ -୨୦୨୨ ତୁରନ୍ତ ରଦ୍ଦ ସହିତ ସ୍ମାର୍ଟ ମିଟର ବକ୍ସ ବସାଇବା ବନ୍ଦ କରିବା, ଜଙ୍ଗଲ ଅଧିବାସୀ ମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ଗଣତାନ୍ତ୍ରିକ ଓ ନାଗରିକ ଅଧିକାରକୁ ସୁରକ୍ଷିତ କରାଯାଉ, କୃଷକ ମାନଙ୍କର ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରାଯିବା ସହିତ ସମସ୍ତ କୃଷିଜାତ ଦ୍ରବ୍ୟ ଉପରେ ଏମ୍‌ଏସ୍‌ପିକୁ ଆଇନସମ୍ମତ କରାଯାଉ ଏବଂ ଧର୍ମକୁ ରାଷ୍ଟ୍ର ଓ ସରକାରୀ କାର୍ଯ୍ୟକଳାପ ତଥା ରାଜନୀତି ଠାରୁ ଦୂରେଇ ରଖିବା ଆଦି ୧୧ ଗୋଟି ଜନସ୍ୱାର୍ଥ ଦାବି ପୂରଣ ନେଇ ଏସୟୁସିଆଇ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର କରାଯିବା ପାଇଁ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି ବୋଲି ମଧୁସୂଦନ ନାଏକ କହିଛନ୍ତି। ଏହି ଅଭିଯାନରେ ସୁଶୀଲ ମହାକୁଡ଼, ଶୈଳକୁମାର ନାଏକ, ପୀତବାସ ଦାସ, ଅଭିମନ୍ୟୁ ବେହେରା, ଗୋବିନ୍ଦ ଦାସ, ଦେବାନନ୍ଦ ପୂର୍ତ୍ତି, ଚନ୍ଦ୍ରମୋହନ ଦାସ ପ୍ରମୁଖ ସାମିଲ ହୋଇଛନ୍ତି।

## ଓଡ଼ିଶା ମିଲେଟ୍ସ ମିଶନ ଦ୍ୱାରା ଉଷୁ ପ୍ରତିଯୋଗିତା




ବାରିପଦା, ୧୯ ।୨(ସମିସ): ସ୍ଥାନୀୟ ଏମ୍‌କେସି ହାଇସ୍କୁଲ ପରିସରରେ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଏକ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷି ଜିଲ୍ଲା ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଯୋଗଦେଇ ଉସୁ ଖେଳରେ ବିଜେତାଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ। ଲଘୁଶସ୍ୟ ଯଥା ମାଣ୍ଡିଆ, ସୁଆଁ, କାଙ୍ଗୁ, ଜହ୍ନା ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ହୋଇ ଥିବାରୁ ଖେଳାଳି ତଥା ଅନ୍ୟମାନଙ୍କ ପାଇଁ ଏହା ବେଶ ଉପଯୋଗୀ ଓ ତେଣୁ ବର୍ତ୍ତମାନ ସମୟରେ ପାରମ୍ପରିକ ଖାଦ୍ୟଶସ୍ୟର ଅଭାବ ଦେଖା ଯାଉଥିବାରୁ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ବହୁଳ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ଏବଂ ନିତିଦିନିଆ ଖାଦ୍ୟରେ ଏହାକୁ ବ୍ୟବହାରରେ ଗୁରୁତ୍ୱ ଦେଇଥିଲ ଓ ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ମିଲେଟ ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଚରଣ ହାଁସଦା, ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ମହାନ୍ତ, ତ୍ରିଲୋଚନ ଶବର ଓ ମୟୂରଭଞ୍ଜ ଜିଲ୍ଲା ଉସୁ ଆସୋସିଏସନର ସଭାପତି ମଣିଷଙ୍କର ମହାନ୍ତ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରି ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଉସୁ କେଳର ଜାତୀୟ ସ୍ତରର ବିଚାରକ ଈଶ୍ୱର ଚନ୍ଦ୍ର ମହାନ୍ତ ଜିଲ୍ଲା ବିଚାରକ ଡମ୍ବୁରୁଧର ମହାନ୍ତ, ବିରବଲ ଟୁଡ୍ଡୁ, ଲିପିକା ମହାନ୍ତ, ରବୀନ୍ଦ୍ର ମହାନ୍ତ, କୁମାରୀ ପଞ୍ଚମୀ ସିଂ, ସସ୍ମିତା ସିଂ, ଦୁଷ୍ମନ୍ତ ମହାନ୍ତ, ଦେବାଶିଷ ସିଂ, ବିଜୟ ମହାନ୍ତ, ପ୍ରମୁଖ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାଣ୍ଡିଆରେ ତିଆରି ହୋଇଥିବା ଶୁଖିଲା ଖାଦ୍ୟ ଉପହାର ଭାବେ ପ୍ରଦାନ କରାଯାଇଥିଲା।

## ବେଧଡ଼କ ଚାଲୁଛି ଜୁଆଖେଳ

କପ୍ତିପଦା, ୧୯ ।୨(ସମିସ): ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଠାରେ ମା'ସରସ୍ୱତୀଙ୍କ ପୂଜା ସମାପନ ହୋଇଛି। ପୂଜାର ୨ଦିନ ପରେ ଆରମ୍ଭ ହୋଇଛି ମେଳା। ୯ଟି ପଞ୍ଚାୟତକୁ ନେଇ ହୋଇଛି ଆଦିବାସୀ ମେଳା। ମେଳା ନାମରେ କୁକୁଡ଼ା ଲଢେଇ, ଜୁଆଖେଳକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଧଣ୍ଡିପାଲି ଓ ଦେଶୀମଦକୁ ପ୍ରାଧାନ୍ୟ ଦିଆଯାଇଛି। ଦିନ ଦ୍ୱିପ୍ରହରେ ଖୁଲମଖୁଲା ଚାଲିଛି ଜୁଆଖେଳ। ତୁରନ୍ତ ଏହି ଜୁଆଖେଳକୁ ବନ୍ଦ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲୁରହିବ। ତେଣୁ ଜିଲ୍ଲା ପ୍ରସାଶନ ତୁରନ୍ତ ପଦକ୍ଷେପ ନେଇ ଏହି ଜୁଆଖେଳକୁ ବନ୍ଦ କରିବା ସହିତ ଆଦିବାସୀଙ୍କ ଜୀବନ ଜୀବିକା ବଞ୍ଚାଇବାକୁ ଦାବି ହେଉଛି।

# ବହଳଦାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'



ବହଳଦା, ୧୯ ।୨(ସମିସ): ବହଳଦା ବ୍ଲକର ବହଳଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ମହାନ୍ତ, ଗଙ୍ଗାଧର ମହାନ୍ତଙ୍କ ଝୁମର ଓ କୁନି ନୃତ୍ୟଶିଳ୍ପୀ ସୁଶ୍ରୀ ସାହୁଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ବିଭିନ୍ନ ବିଭାଗ ଅଧିକାରୀ ଶିଶୁ ବିକାଶର ପରିଦର୍ଶିକା ସାକ୍ର ହାଁସଦା, ମତ୍ସ୍ୟ ବିଭାଗର ଏଫିଓ ମୋନାଲିସା ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗର ବନ୍ଦିତା ପରିଡ଼ା, ଶିକ୍ଷାବିଭାଗର ମୀରା ମଲ୍ଲିକ, ଉଦ୍ୟାନ ବିଭାଗର ଜଗଜୋତି ମହାନ୍ତ, ରାଜସ୍ୱ ବିଭାଗର ଅଭିଳାଷ ସାମନ୍ତରାୟ ଯୋଗଦେଇ ନିଜନିଜ ବିଭାଗର ଯୋଜନା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ଲକ୍ଷ୍ମଣ ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା, ଏବିଡିଓ ଶକ୍ତି ପ୍ରସାଦ ପାଇକରାୟ, ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ଶିକ୍ଷାବିତ ନେପାଳ ଚନ୍ଦ୍ର ସାହୁ ଓ ସତ୍ୟ ନାରାୟଣ ଦୀକ୍ଷିତ, ଏପିଓ ସିଦ୍ଧାର୍ଥ ପାଲ, ବିପିଏମ ସରୋଜ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନାରେ ପିଇଓ ଦୀପକ ମହାନ୍ତ, ଜିଆରଏସ ସସ୍ମିତା ସାହୁ, ଯୋଗାଣ ସହାୟକ ଚନ୍ଦ୍ରଶେଖର ଦାସ ସହାୟତା କରିଥିଲେ।

## ନବନିର୍ମିତ ପାଚେରି ଭାଙ୍ଗିଲେ ଦୁର୍ବୃତ୍ତ; ଥାନାରେ ମାମଲା

କରଞ୍ଜିଆ, ୧୯ ।୨(ସମିସ): କରଞ୍ଜିଆ ସହରର ବହୁ ପୁରାତନ ନାଟ୍ୟସଂସ୍ଥା ପଲ୍ଲବୀ କ୍ଲବର ନବନିର୍ମିତ ପାଚେରି, ବ୍ୟାନର ଓ ନିର୍ମାଣ ହୋଇଥିବା କାରୁକାର୍ଯ୍ୟକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏନେଇ ନାଟ୍ୟସଂସ୍ଥା ପକ୍ଷରୁ ଆଜି କରଞ୍ଜିଆ ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ତେବେ ସୂଚନା ଥାଉକି କରଞ୍ଜିଆ ପୁର୍ନେଶ୍ୱର ଶିବମନ୍ଦିର ପଛପଟରେ ଅବସ୍ଥିତ ଥିବା ପଲ୍ଲବୀ ମଣ୍ଡପ ଓ ମନ୍ଦିର ପଛପଟ ଅନ୍ଧାର ଥିବାରୁ ସେଠାରେ ପ୍ରାୟ ପ୍ରତ୍ୟେକ ଦିନ ରାତି ସମୟରେ କିଛି ଅସାମାଜିକ ବ୍ୟକ୍ତି ଗଞ୍ଜେଇ, ମଦ ପରି ନିଶା ସେବନ କରି ବଡ଼ ପାଟିରେ ନିଜ ନିଜ ଭିତରେ ଅଶ୍ଳୀଳ ଭାଷାରେ ଗାଳି ଗୁଳଜ କରୁଥିବାର ପୂର୍ବରୁ ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି। ସେହି ରାସ୍ତା ଦେଇ ରାତି ସମୟରେ ଲୋକେ ଭୟରେ ଯିବା ଆସିବା କରୁ ନ ଥିବା ବେଳେ ଏହାଏବେ ନିଶାଡ଼ି ମାନଙ୍କର ଆଡ଼ାସ୍ଥଳୀ ପାଲଟିଯାଇଛି। ଅନ୍ୟପଟେ ନିକଟରେ ଥିବା ପୁରନେଶ୍ୱର ମନ୍ଦିରରେ ମଧ୍ୟ ବିଗତ ତିନିମାସ ଭିତରେ ୩ ଥର ଚୋରି ମଧ୍ୟ ହେଇସାରିଲାଣି। ଏଥିପ୍ରତି କରଞ୍ଜିଆ ପୁଲିସ ସଜାଗ ରହିବା ସହିତ ନିଶାଡ଼ି ମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ପଲ୍ଲବୀ ନାଟ୍ୟସଂସ୍ଥା ରେ କରଞ୍ଜିଆ ପୁଲିସ ପହଞ୍ଚି ଦୁର୍ବୃତ୍ତମାନେ ଭଙ୍ଗା ରୁଜା କରିଥିବା ସ୍ଥାନ ବୁଲିଦେଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପଥର ବ୍ଲାଷ୍ଟିଂ ପାଇଁ ୫ଘଣ୍ଟା ବନ୍ଦ ରହିବ ଦ୍ୱାରଶୁଣି ଘାଟି ରାସ୍ତା

ବାରିପଦା, ୧୯ ।୨(ସମିସ): ମରଣଯନ୍ତା ସାଜିଥିବା ବାଙ୍ଗିରିପୋଷି ସ୍ଥିତ ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତିକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିନିମନ୍ତେ ଆସନ୍ତା ବୁଧବାର ୫ଘଣ୍ଟା ପାଇଁ ଘାଟି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରଖି ପଥର ବ୍ଲାଷ୍ଟିଂ କାର୍ଯ୍ୟହେବ ବୋଲି ସ୍ଥିର ହୋଇଛି। ଏନେଇ ୧୨ଟାରୁ ୫ଟା ପର୍ଯ୍ୟନ୍ତ ଘାଟି ରାସ୍ତା ସର୍ବସାଧାରଣଙ୍କ ଚଳପ୍ରଚଳ ପାଇଁ ବନ୍ଦ ରହିବ ବୋଲି ଏନ୍‌ଏଚ୍‌ଆଇ ପ୍ରକଳ୍ପ ପ୍ରଶାସକ ଜେପି ବର୍ମା କହିଛନ୍ତି। ଗତ ଫେବୃଆରୀ ୧୨ରେ ପଥର ବ୍ଲାଷ୍ଟିଂ ନିମନ୍ତେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ୪୯ ନମ୍ବର ଜାତୀୟ ରାଜପଥର ଦୁଆରଶୁଣି ଘାଟି ମରଣଯନ୍ତା ପାଲଟିଥିଲା। ବାରମ୍ବାର ଦୁର୍ଘଟଣା ହେବାପରେ ଯାତ୍ରା ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ୯ଜଣଙ୍କ ଜୀବନ ଯାଇଥିଲା। ଯାହାକୁ ନେଇ ମନ୍ତ୍ରୀ ସୁଦାମ ମାରାଣ୍ଡି ସଚିବାଳୟରେ ଜଡିତ ବିଭାଗର ମନ୍ତ୍ରୀ ଓ ସଚିବଙ୍କ ସହିତ ଜରୁରୀ ବୈଠକ କରି ରାସ୍ତା ପ୍ରଶସ୍ତିକରଣର ସମାଧାନ ବାଟ କାଢିଥିଲେ। ଅପରପକ୍ଷରେ ଭଞ୍ଜସେନା ପକ୍ଷରୁ ଗତ ଫେବୃଆରୀ ୨ରେ ରାସ୍ତା ଅବରୋଧ କରାଯାଇଥିଲା। ପରେ ନିର୍ମାଣ କାର୍ଯ୍ୟ ନେଇ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ନେଇ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନଏଚ୍‌ଆଇ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ଘାଟି ରାସ୍ତା ଅନୁଧ୍ୟାନ କରିବା ପରେ ୧୦ଟି ବାଙ୍କକୁ ଚିହ୍ନଟ କରି ବାଙ୍ଗକୁ ପ୍ରଶସ୍ତ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପାହାଡ଼କୁ ବ୍ଲାଷ୍ଟି କରି ପଥର ହଟାଯିବା ନିମନ୍ତେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ଘାଟି ରାସ୍ତା ମରାମତି ପାଇଁ ୨୦୨୩ରେ ୭କୋଟି ଟଙ୍କାରେ ଟେଣ୍ଡର ନେଇଥିବା ଠିକା ସଂସ୍ଥା ଦ୍ୱାରା ଉକ୍ତ କାର୍ଯ୍ୟ ମଧ କରାଯିବ। ଏଥି ସହ ଘାଟି ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ଅନୁମତି, ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି କାର୍ଯ୍ୟ ଶେଷ ସହ ଟେଣ୍ଡର ଆହ୍ୱାନ କରିବା, ଜାତୀୟ ରାଜପଥ ବିଭାଗ ପକ୍ଷରୁ ଘାଟି ରାସ୍ତା ପାର୍ଶ୍ୱ ଦୁଇ ଫୁଟ ଚଉଡ଼ା କରିବା, ଉଭୟ ପଟରେ ଦୁଇଟି ଆମ୍ବୁଲାନ୍ସ ନିୟୋଜିତ କରିବା, ପୁଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଏବଂ ଓଭର ଲୋଡିଂ ଯାଞ୍ଚ କରିବା, ମୃତକ ପରିବାରକୁ ସଂଗେ ସଂଗେ ରେଡକ୍ରସ୍‌ରୁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ଆଦି ଦାବି ଗୁଡ଼ିକ ମଧ ଭଞ୍ଜସେନା ପକ୍ଷରୁ ଉପସ୍ଥାପନ କରାଯାଇଥିଲା।

# ପାଚେରି ନିର୍ମାଣ ଦାବିରେ ରାସ୍ତାରୋକ

କୁଆମରା, ୧୯ ।୨(ସମିସ): ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଜି ମଧ୍ୟାହ୍ନରେ ଜଣେ ଛାତ୍ର ଅଜଣା ବାଇକ ଧକ୍କାରେ ଗୁରୁତର ହୋଇଥିଲା। ତେବେ ସୁରକ୍ଷା ନିମନ୍ତେ ବିଦ୍ୟାଳୟର ପାଚେରି ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଉଦଳା - ବାଲେଶ୍ୱର ମୁଖ୍ୟରାସ୍ତା ବିଦ୍ୟାଳୟ ସମ୍ମୁଖରେ ରାସ୍ତା ରୋକ କରିଥିଲେ। ଫଳରେ ସାଧାରଣ ଯାତାୟାତ ଘୋର ବାଧାପ୍ରାପ୍ତ ଘଟିଥିଲା। ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ପୁରଡିହି ଓ ଜୟୀଦା ସୀମାରେ ଅବସ୍ଥିତ। ତେବେ ଉକ୍ତ ବିଦ୍ୟାଳୟରେ ବିଶେଷ କରି ଦୁଇ ଗ୍ରାମର ପିଲା ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟଟିର ପ୍ରଥମରୁ ଅଷ୍ଟମ ଶ୍ରେଣୀପର୍ଯ୍ୟନ୍ତ ଶିକ୍ଷାଦାନ ହୋଇଥାଏ। ପୁରଡିହି ଗ୍ରାମର ଆଦିତ୍ୟ ବିଷ୍ଣୁ ବେହେରିଣିଆ ପଞ୍ଚମ ଶ୍ରେଣୀର ଛାତ୍ର ଅଟନ୍ତି। ବିଦ୍ୟାଳୟର ପାଠ ପଢ଼ା ଚାଲିଥିବା ବେଳେ ଆଦିତ୍ୟ ବିଷ୍ଣୁ କୌଣସି କାରଣରୁ ଶିକ୍ଷକଙ୍କ ଅଜ୍ଞାତରେ ବିଦ୍ୟାଳୟରୁ ବାହାରି ମୁଖ୍ୟ ରାସ୍ତାକୁ ଯାଉଥିବାବେଳେ ଏକ ଅଜଣା ବାଇକ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା। ପିଲାଟିକୁ ଗୁରୁତର ଅବସ୍ଥାରେ ଉଦଳା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ବିଦ୍ୟାଳୟ ଚତୁପାର୍ଶ୍ୱରେ ପାଚେରି ନିର୍ମାଣ ଦାବିରେ ପୁରଡିହି ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ନିଜ ପିଲାମାନଙ୍କୁ ଧରି ରାସ୍ତା ରୋକ ଆରମ୍ଭ କରିଥିଲେ। ତେବେ ପାଚେରି ନିର୍ମାଣ କରିବାକୁ ପୁରଡିହି ଗ୍ରାମ ଲୋକେ ଦାବି କରୁଥିବା ବେଳେ ଜୟୀଦା ଲୋକେ ଏହାକୁ ବିରୋଧ କରିଥିବାର ଦେଖିବାକୁ ମିଳିଥିଲା। ସ୍କୁଲ ପରିସର ସାତ ଡେସିମିଲ୍ ଜାଗା ଥିବା ବେଳେ ତାହା ଠାରୁ ଅଧିକ ଜାଗାକୁ ବାଡ଼ ଘେରିବା କିମ୍ବା ପାଚେରି ନିର୍ମାଣ କରିବାକୁ ବିରୋଧ କରୁଛନ୍ତି ଜୟୀଦା ଲୋକେ। ଏହାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ରାସ୍ତାରୋକ ଖବର



ବାଇକ୍ ଧକ୍କାରେ ଛାତ୍ର ଗୁରୁତର

ପାଇ ତହସିଲଦା ଓମ୍ ପ୍ରକାଶ ମହାନ୍ତି ଆନ୍ଦୋଳନକାରୀଙ୍କୁ ବୁଝା ସୁଝା କରିଥିଲେ ମଧ ସମାଧାନର ରାସ୍ତା ବାହାରି ପାରିନାହିଁ। ପୁଣି ଆସନ୍ତାକାଲି ରାସ୍ତା ରୋକ କରିବା ପାଇଁ ଗ୍ରାମ ଲୋକେ ଚେତାବନୀ ଦେଇଥିବାବେଳେ ତହସିଲଦାର ଶ୍ରୀ ମହାନ୍ତି ସମାଧାନ ନିମନ୍ତେ ଦୁଇ ଗ୍ରାମର ଲୋକଙ୍କୁ ତହସିଲ କାର୍ଯ୍ୟାଳୟକୁ ଡାକିଥିବାର ଜଣାଯାଇଛି। ମାତ୍ର ଗ୍ରାମ ଲୋକେ ପାଚେରି ନିର୍ମାଣ ଦାବି ଜିଦ୍ ରେ ଅଟଳ ରହିଥିବାର ଜଣାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉଦଳ ଥାନା ଓ କୁଶଳଦା ଫାଣ୍ଡି ପୁଲିସ ପହଞ୍ଚିଥିଲା।

## ପୁଣି ବିବାଦ ଘେରରେ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ

# ଘରୋଇ ଶିକ୍ଷାନୁଷ୍ଠାନରେ ପରୀକ୍ଷାକେନ୍ଦ୍ର ଅନୁମତି ପରେ ବାତିଲ

ବାରିପଦା, ୧୯ ।୨(ସମିସ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବିବାଦ ପିଛା ଛାଡିବାରେ ନା ନେଉନି। ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ବାରମ୍ବାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟପାଇଁ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଚର୍ଚ୍ଚାରେ ରହି ଆସୁଛି। ପୂର୍ବରୁ ଅଧ୍ୟାପିକାଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ଡକ୍ଟରେଟ୍ ଉପାଧି ପ୍ରଦାନ କରି ପ୍ରତ୍ୟାହାର କରି ନେଇ ଚର୍ଚ୍ଚାରେ ଥିବାବେଳେ ଏବେ ପୁଣି ଆଉ ଏକ ବିବାଦ ଘେରକୁ ଆସି ଏହି ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର ବିଷୟ ପାଲଟିଛି। ବାରିପଦାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଯୁକ୍ତ ତିନି ପରୀକ୍ଷା ନିମନ୍ତେ କେନ୍ଦ୍ର ଅନୁମତି ବିବାଦୀୟ ହୋଇଛି। ଆବଶ୍ୟକ ନିୟମକୁ ଉଲଙ୍ଘନ କରି ପରୀକ୍ଷା କେନ୍ଦ୍ର ଅନୁମତି ଦେଇ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ହରଡ଼ଘଣାରେ ପଡ଼ିଛନ୍ତି। ସମସ୍ତ ସ୍ୱୀକୃତି ପାଇ ନିଜସ୍ୱ ଗୃହଥିବା ମହାବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ନିମନ୍ତେ ଅନୁମତି ପ୍ରଦାନ କରିବାର ନିୟମ ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଲଙ୍ଘନ କରୁଛନ୍ତି। କେବଳ ଗୋଟିଏ ମହାବିଦ୍ୟାଳୟ ନୁହେଁ ଏପରି ୨/୩ଟି ମହାବିଦ୍ୟାଳୟକୁ ଅହେତୁକ ଅନୁକମ୍ପା ପରୀକ୍ଷା ନିୟନ୍ତ୍ରକ ଦେଖାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପରୀକ୍ଷା ନିୟନ୍ତ୍ରକ ପ୍ରକାଶିତ ବିଜ୍ଞପ୍ତିକୁ ବାତିଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ନିୟମରେ ଖୋଲା ଖୋଲି ଭାବେ ଭଙ୍ଗ କରାଯାଇ ନିର୍ଦ୍ଦିଷ୍ଟ ଘରୋଇ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯିବା ନେଇ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ସନ୍ଦେହ ଘେରକୁ ଆସୁଛନ୍ତି। ଜିଲ୍ଲାରେ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟ ଗୁଡ଼ିକ ରହିଥିବା ବେଳେ ଭଡ଼ା ଘରେ ପରୀକ୍ଷା କେନ୍ଦ୍ର କରାଯିବା ବିଶ୍ୱବିଦ୍ୟାଳୟର ମାନକୁ ହ୍ରାସ କରୁଛି ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ତେବେ ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୁକାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏହା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ତ୍ରୁଟି ବୋଲି ସ୍ୱୀକାର କରିଛନ୍ତି।

ତେବେ ଗୋଟିଏ ମହାବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ବାତିଲ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟ ମହାବିଦ୍ୟାଳୟ ଗୁଡିକ ପ୍ରଶ୍ନକୁ ଏଡାଇ ଯାଇଥିଲେ। କିଛି ମାସ ପୂର୍ବେ ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ସମ୍ପ୍ରତି କାର୍ଯ୍ୟରତ ଅଧ୍ୟାପିକା ରୀନା ମୁର୍ମୁଙ୍କ ଡକ୍ଟରେଟ ଉପାଧିକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟାହାର କରାଯାଇଥିଲା।

ପ୍ରଥମେ ଅଧ୍ୟାପିକା ରୀନା ମୁର୍ମୁଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିବା ବେଳେ ପରେ ଅନ୍ୟଙ୍କ ସନ୍ଦର୍ଭକୁ ଅବିକଳ ନକଲ କରିଥିବାର ନେଇ ଅଭିଯୋଗ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟାହୃତ କରାଯାଇଥିଲା। ତେବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏହିପରି ଭାବେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆସୁଛି।

